

ପାଠକଙ୍କୁ କରେ ଆକର୍ଷଣ...

OMKAR DARPAN

ଓଁକାର ଦର୍ପଣ

PRGI No. : ORBIL/25A4283 WEEKLY NEWS PAPER ସାପ୍ତାହିକ ଖବରକାଗଜ

• VOL. 01 • ISSUE NO. 29 • BRAHMAPUR • WEEKLY • 02 TO 08 NOVEMBER, 2026 • RS. 5.00 • PAGE-8

• ଭାଗ-୦୧ • ସଂଖ୍ୟା- ୨୯ • ବ୍ରହ୍ମପୁର • ସାପ୍ତାହିକ • ୦୨-୦୮ ନଭେମ୍ବର, ୨୦୨୬ • ମୂଲ୍ୟ : ଟ.୫.୦୦ • ପୃଷ୍ଠା-୮


ବନ୍ୟା ବାତ୍ୟାରେ ବେହାଲ ଓଡ଼ିଶା

- କନ୍ଧମାଳରେ ଭୂସ୍ଖଳନ ନେଲା ୩ ଜୀବନ
- ଆକାଶ ମାର୍ଗରୁ ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱମନ୍ତ୍ରୀ
- ମୁକାବିଲା ପାଇଁ ୩୦ ଓଏଏସ୍ ଅଫିସରଙ୍କୁ ଦାୟିତ୍ୱ
- ଗଞ୍ଜାମ ଜିଲ୍ଲାପାଳଙ୍କ ସହ କଥା ହେଲେ ବିରୋଧୀ ଦଳ ନେତା ନବୀନ
- ମୁଖ୍ୟମନ୍ତ୍ରୀ ମୋହନଙ୍କ ସହ କଥାହେଲେ ରାଷ୍ଟ୍ରପତି

■ **ଭୁବନେଶ୍ୱର :** ଉତ୍ତରରୁ ଦକ୍ଷୀଣ ବେହାଲ ହେଲାଣି ଓଡିଶା। ଜୁନ୍, ଜୁଲାଇ ଓ ଅଗଷ୍ଟ ମାସରେ ଯାଜପୁର ସମେତ ଉତ୍ତର ଓଡ଼ିଶାରେ ୫ରୁ ୬ଥର ବନ୍ୟା ଆସିଥିଲା। ଏବେ ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଉତ୍ତୁଟୁବୁ ହୋଇଛି ଦକ୍ଷିଣ ଓଡିଶା। ଏହାର ସିଧା ପ୍ରଭାବ ପଡିଛି ସାଧାରଣ ଲୋକଙ୍କ ପକେଟ ଉପରେ।.. ଚାଷୀଙ୍କ ଚାଷ ଉଜୁଡିଯାଇଛି। କାମ ନପାଇ ଦିନ ମଜୁରିଆ ହାତ ଟେକି ବସିଛି। ଗୋଟିଏ ପରେ ଗୋଟିଏ ଦୁର୍ବିପାକ ପରେ ଜୀବନ ଜିଇଁବା କଷ୍ଟକର ହୋଇପଡିଛି। ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରଳୟଙ୍କରୀ ବର୍ଷା ଯୋଗୁଁ ଦକ୍ଷିଣଓଡ଼ିଶାର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ସ୍ଥିତି ଓ କ୍ଷୟକ୍ଷତିର ତଦାରଖ କରିଛନ୍ତି। ଜଳପ୍ରଳୟ ଯୋଗୁ ଜଳବନ୍ଦୀ ଅବସ୍ଥାରେ ଥିବା ପ୍ରଭାବିତଙ୍କ ପାଖରେ ଖାଦ୍ୟ ସାମଗ୍ରୀ ପହଂଚାଇବାକୁ ପ୍ରଶାସନ ଏବେ ପ୍ରାଥମିକତା ଦେଇ ଏୟାର ଡ୍ରପିଂ କରାଉଛି। ଆଉ ଏସବୁ ମଧ୍ୟରେ ଆସନ୍ତା ନଭେମ୍ବର ୨ ତାରିଖରେ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସି କ୍ଷୟକ୍ଷତିର ଆକଳନ କରିବେ ବୋଲି ଜଣାପଡ଼ିଛି। ଆକାଶମାର୍ଗରୁ ପରିସ୍ଥିତିର ଆକଳନ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବିପତ୍ତି ସମୟରେ ରାଜ୍ୟବାସୀଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ମୋର ସର୍ବୋଚ୍ଚ ପ୍ରାଥମିକତା। ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଆକାଶମାର୍ଗରୁ ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରଭାବିତ ଅଂଚଳଗୁଡ଼ିକର ସ୍ଥିତି ଅନୁଧ୍ୟାନ କଲି। ପ୍ରଭାବିତଙ୍କ ନିକଟରେ ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ସ୍ୱାସ୍ଥ୍ୟସେବା ଯେପରି ବିନା ବାଧାରେ ପହଂଚିପାରିବ, ସେଥିପାଇଁ ସମଗ୍ର ପ୍ରଶାସନ ଅହୋରାତ୍ର କାର୍ଯ୍ୟ କରୁଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିସହ ବିପର୍ଯ୍ୟସ୍ତ ରାସ୍ତାଘାଟର ପୁନରୁଦ୍ଧାର, ବିଦ୍ୟୁତ ସରବରାହ ସ୍ୱାଭାବିକ କରିବା ଓ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ପାଇଁ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଠିନ ସମୟରେ ସରକାର ଦୃଢ଼ତାର ସହ ସହ ଛିଡ଼ା ହୋଇ ରହିଛନ୍ତି। ପ୍ରଭାବିତ ଅଂଚଳ ଲୋକମାନଙ୍କୁ ସାହସ ରଖି ସୁରକ୍ଷିତ ସ୍ଥାନରେ ରହିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେବା ସହ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳଙ୍କ ସୂଚନାକୁ ଅନୁସରଣ କରି ପରସ୍ପରକୁ ସହଯୋଗର ହାତ ବଢ଼ାଇବାକୁ କହିଛନ୍ତି। ସମସ୍ତେ ମିଳିତ ଭାବେ ଏହି ସଙ୍କଟରୁ ଖୁବଶୀଘ୍ର ବାହାରିବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ରାଜ୍ୟରେ ବନ୍ୟା ପରିସ୍ଥିତିକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହ ଫୋନରେ କଥା ହେବା ପରେ କେନ୍ଦ୍ର ସରକାର ତୁରନ୍ତ ସହାୟତା ଓ ହେଲିକପ୍ଟର ଯୋଗାଇ ଦେଇଛନ୍ତି ତଥା ରାଜ୍ୟର ପୂରା ପ୍ରଶାସନିକ ଟିମ୍ ସଜାଗ ରହି ଲୋକଙ୍କ ସେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ବାତ୍ୟା ଓ ବନ୍ୟା କ୍ଷୟକ୍ଷତିର ପ୍ରତ୍ୟକ୍ଷ ଆକଳନ ପାଇଁ ଆସନ୍ତା ନଭେମ୍ବର ୨ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତ କରି କ୍ଷତିଗ୍ରସ୍ତ ଅଂଚଳ ଗସ୍ତ କରିବା ସହ ଜିଲ୍ଲାପାଳ ଓ ଅଧିକାରୀମାନଙ୍କ ସଙ୍ଗେ ବୈଠକ କରି ରିପୋର୍ଟ ପ୍ରସ୍ତୁତ କରିବେ। ■ ପୃଷ୍ଠା-୨



ଜାନୁଆରୀ ୨୫ରୁ ଫେବୃଆରୀ ୨୮ ଜନଗଣନା



■ **ନୂଆଦିଲ୍ଲୀ :** ଆସନ୍ତାବର୍ଷ (୨୦୨୭) ଜାନୁଆରୀ ୨୫ ତାରିଖରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ଦେଶରେ ଜନଗଣନା କରାଯିବ। ଏ ସମ୍ପର୍କରେ ଶୁକ୍ରବାର ଜନଗଣନା କମିସନରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଘୋଷଣା ଅନୁଯାୟୀ ମଣିପୁର, ଗୋଆ, ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଲଦାଖ, ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀରକୁ ବାଦ୍ ଦେଇ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ସମୟ ମଧ୍ୟରେ ଜନଗଣନା କରାଯିବ। ଜନଗଣନା ପାଇଁ ସନ୍ଦର୍ଭ ତାରିଖ (ରେଫରେନ୍ସ ଡେଟ୍) ୨୦୨୭ ମାର୍ଚ୍ଚ ୧ ତାରିଖ ରାତି ୧୨:୦୦ ହେବ। ଜନଗଣନା କାର୍ଯ୍ୟ ସମ୍ପାଦନ ପାଇଁ ଭାରତର ରେଜିଷ୍ଟ୍ରାର ଜେନେରାଲ (ଆରଜିଆଇ) ତଥା ଜନଗଣନା କମିସନର ମୃତ୍ୟୁଞ୍ଜୟ କୁମାର ନାରାୟଣଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଜନଗଣନାର 'ସଂଶୋଧନ ପର୍ଯ୍ୟାୟ' ମାର୍ଚ୍ଚ ୧ରୁ ମାର୍ଚ୍ଚ ୫ ■ ପୃଷ୍ଠା-୨

୧୮ତମ ନିଯୁକ୍ତି ମେଳା : ଶିକ୍ଷା ଓ ପ୍ରଗତିର ନୂତନ ଅଧ୍ୟାୟ

୨୮,୬୯୩ ଶିକ୍ଷକ-ଶିକ୍ଷୟିତ୍ରୀ ନିଯୁକ୍ତ

■ **ଭୁବନେଶ୍ୱର :** ଦକ୍ଷତା ବିକାଶ ଏବଂ ନିଯୁକ୍ତି ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା । ରବିବାର ଓୟୁଏଟି କୃଷି ଶିକ୍ଷା ସଦନ ଅଡିଟୋରିୟମ ଠାରେ ଅନୁଷ୍ଠିତ ୧୮ତମ ନିଯୁକ୍ତି ମେଳା ଅବସରରେ ଯୋଗଦେଇ ଏଭଳି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୂଚନାଯୋଗ୍ୟ, ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟ ଗୁଡ଼ିକରେ ୨୦୬୭ ଜଣ ସେବକ-ସେବିକା ଓ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଖାଲିଥିବା ସରକାରୀ ପଦପଦବୀ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ପୂରଣ କରୁଛନ୍ତି । ୨୦୨୪ ଜୁନ୍ ମାସରୁ ଆରମ୍ଭ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାରେ ଆଜିର ୧୮ତମ ନିଯୁକ୍ତି ମେଳାର ୨,୦୬୭ ଜଣଙ୍କୁ ମିଶାଇ ସମୁଦାୟ ■ ପୃଷ୍ଠା-୨



ପ୍ରଥମ ପୃଷ୍ଠାରୁ...

ମାର୍ଚ୍ଚରେ ଭୟଙ୍କର ଗରମ ନେଇ ବଢିଲା ଚିନ୍ତା, ୫୫ ହଜାର ଲୋକଙ୍କ ହୋଇପାରେ ମୃତ୍ୟୁ

ନୂଆଦିଲ୍ଲୀ : ଭାରତରେ ଗ୍ରୀଷ୍ମଋତୁ ଆସିବାକୁ ଆହୁରି ଅନେକ ମାସ ବାକି ଅଛି । ହେଲେ ଏବେଠାରୁ ଜଳବାୟୁ ପରିବର୍ତ୍ତନକୁ ନେଇ ବଢ଼ିଲାଣି ଚିନ୍ତା। 'ସୁପର ଏଲ୍ ନିନୋ'ର ସମ୍ଭାବ୍ୟ ପ୍ରଭାବକୁ ନେଇ ଏକ ନୂଆ ଜଳବାୟୁ ଆକଳନ ସାମ୍ନାକୁ ଆସିଛି । ଏହି ଆକଳନ ଅନୁଯାୟୀ, ଆସନ୍ତା ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ଭାରତରେ ଅତ୍ୟଧିକ ଗରମ ଯୋଗୁଁ ପ୍ରାୟ ୫୫ ହଜାର ଲୋକଙ୍କ ମୃତ୍ୟୁ ହୋଇପାରେ । ଏଥିମଧ୍ୟରୁ ଅଧିକାଂଶ ମୃତ୍ୟୁ ମାର୍ଚ୍ଚ ମାସରେ ଘଟିପାରେ ବୋଲି ଆକଳନ କରାଯାଇଛି । ତେବେ ଏହି ସଂଖ୍ୟା କୌଣସି ସରକାରୀ ମୃତ୍ୟୁ ସତର୍କତା ନୁହେଁ। ଜଳବାୟୁ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ଆଧାରରେ ଏହା ଏକ ପୂର୍ବାନୁମାନ । ପ୍ରକୃତରେ କେତେ ଲୋକଙ୍କ ଜୀବନ ଯିବ, ତାହା ଆଗାମୀ ପାଣିପାଗ ପରିସ୍ଥିତି ଏବଂ ଲୋକଙ୍କ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ନିର୍ଭର କରିବ। କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍ 'ଏଲ୍ ନିନୋ ହିଟ୍ ମର୍ଟାଲିଟି ଟ୍ରାକର୍' ପ୍ରକାଶ କରିଛି । ଏହା ଅନୁଯାୟୀ, ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଭାରତରେ ଗରମ ଜନିତ ପ୍ରାୟ ୫୫ ହଜାର ଅତିରିକ୍ତ ମୃତ୍ୟୁ ଘଟିପାରେ। ଏହି ମୃତ୍ୟୁ ମଧ୍ୟରୁ ଅଧିକାଂଶ ମାର୍ଚ୍ଚ ମାସରେ ହେବାର ଆଶା କରାଯାଉଛି । ତଥାପି, ଏହି ସଂଖ୍ୟାଗୁଡ଼ିକ ପୂର୍ବାନୁମାନ ଉପରେ ଆଧାରିତ । ଭାରତ ବ୍ୟତୀତ, ନାଇଜେରିଆରେ ମଧ୍ୟ ଗରମ ଜନିତ ମୃତ୍ୟୁର ବିପଦ ଅଧିକ ଅଛି ବୋଲି କୁହାଯାଉଛି । ଏଠାରେ, ଏହି ସମୟ ମଧ୍ୟରେ ପ୍ରାୟ ୫୬ ହଜାର ଲୋକଙ୍କ ମୃତ୍ୟୁ ହୋଇପାରେ। ସେଭଳି ଆସନ୍ତା ଛଅ ମାସ ମଧ୍ୟରେ ବିଶ୍ୱର ବିଭିନ୍ନ ଦେଶରେ ଗରମ ସମ୍ବନ୍ଧୀୟ ୩ ଲକ୍ଷ ୭୩ ହଜାରରୁ ଅଧିକ ଅତିରିକ୍ତ ମୃତ୍ୟୁ ହୋଇପାରେ । ଏହି ସଂଖ୍ୟାଗୁଡ଼ିକ ସମ୍ଭାବ୍ୟ ପରିସ୍ଥିତି ଆଧାରିତ ଆକଳନ ମାତ୍ର। ଏହାକୁ ନିଶ୍ଚିତ ମୃତ୍ୟୁ ସଂଖ୍ୟା ଭାବେ ଧରିବା ଉଚିତ୍ ନୁହେଁ। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଏଲ୍ ନିନୋ ଯୋଗୁଁ ହେଉଥିବା ପ୍ରଚଣ୍ଡ ଗରମ ଦ୍ୱାରା ଗ୍ଲୋବାଲ୍ ସାଉଥ୍ ର ଦେଶଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇପାରନ୍ତି । ଦକ୍ଷିଣ-ପୂର୍ବ ଏସିଆ ଏବଂ ଦକ୍ଷିଣ ଆମେରିକାର ଅନେକ ଦେଶ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇପାରନ୍ତି। କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବର ପୂର୍ବାନୁମାନ ଅନୁଯାୟୀ, ଇଣ୍ଡୋନେସିଆରେ ଗରମ ସହିତ ପ୍ରାୟ ୨୯ ହଜାର ଅତିରିକ୍ତ ମୃତ୍ୟୁ ହୋଇପାରେ। ସେଭଳି ବ୍ରାଜିଲରେ ଏହି ସଂଖ୍ୟା ପ୍ରାୟ ୧୯ ହଜାର ହୋଇପାରେ। ବିଶେଷଜ୍ଞଙ୍କ ମତରେ ଯେ ଦୁର୍ବଳ ସ୍ୱାସ୍ଥ୍ୟ ଭିତ୍ତିଭୂମି, ପ୍ରଚଣ୍ଡ ଗରମରେ ଦୁର୍ବଳ ଜନସଂଖ୍ୟା ଏବଂ ସୀମିତ ସମ୍ବଳ ଯୋଗୁଁ ବିକାଶଶୀଳ ଦେଶଗୁଡ଼ିକରେ ଏହାର ପ୍ରଭାବ ଅଧିକ ଗୁରୁତର ହୋଇପାରେ। ବିଶ୍ୱ ପାଣିପାଗ ସଂଗଠନର ଆକଳନ ଅନୁଯାୟୀ, ଡିସେମ୍ବରରେ ସମ୍ଭାବ୍ୟ ଚରମ ସ୍ଥିତିରେ ପହଞ୍ଚିବା ପୂର୍ବରୁ ଏଲ୍ ନିନୋ ଆହୁରି ଶକ୍ତିଶାଳୀ ହୋଇପାରେ। ଏହାର ପ୍ରଭାବରେ ବିଶ୍ୱର ଅନେକ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ରହିବା ସହ ବର୍ଷାର ଢାଞ୍ଚାରେ ପରିବର୍ତ୍ତନ ହେବାର ଆଶଙ୍କା ରହିଛି । ଏହାର ପ୍ରଭାବ ୨୦୨୬ ମସିହାର ଆରମ୍ଭ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ବିଶ୍ୱ ପାଣିପାଗ ସଂଗଠନ କହିଛି । ତେବେ ଏଲ୍ ନିନୋର ତୀବ୍ରତା ଓ ଏହାର ଅଞ୍ଚଳଭିତ୍ତିକ ପ୍ରଭାବ ଉପରେ ପାଣିପାଗ ବିଶେଷଜ୍ଞମାନେ ନଜର ରଖିଛନ୍ତି। 'ଏଲ୍ ନିନୋ' ହେଉଛି ଏକ ପ୍ରାକୃତିକ ଜଳବାୟୁ ଘଟଣା । ଏହି ସମୟରେ ଭୂମଧ୍ୟରେଖୀୟ ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗରେ ସମୁଦ୍ର ଜଳର ତାପମାତ୍ରା ସ୍ୱାଭାବିକଠାରୁ ବଢ଼ିଯାଏ । ଫଳରେ ପବନର ଗତି, ବାୟୁମଣ୍ଡଳୀୟ ଚାପ ଏବଂ ବର୍ଷାର ଢାଞ୍ଚାରେ ପରିବର୍ତ୍ତନ ଆସିପାରେ। ଏହାର ପ୍ରଭାବ ବଢ଼ିଲେ କେତେକ ଅଞ୍ଚଳରେ ମରୁଡ଼ି ଓ ଜଳସଙ୍କଟ ଦେଖାଦେଇପାରେ। ଅନ୍ୟ କେତେକ ସ୍ଥାନରେ ପ୍ରବଳ ବର୍ଷା ଓ ବନ୍ୟାର ବିପଦ ବଢ଼ିପାରେ। ସେହିପରି ଅତ୍ୟଧିକ ତାପମାତ୍ରା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗୁରୁତର ବିପଦ ସୃଷ୍ଟି କରିପାରେ।



ଜାନୁଆରୀ : ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି । ଘରକୁ ଘର ଯାଇ ଜନଗଣନା ଆରମ୍ଭ ହେବା ପୂର୍ବରୁ ଜାନୁଆରୀ ୧୦ରୁ ଜାନୁଆରୀ ୨୪ ପର୍ଯ୍ୟନ୍ତ ନିଜେ ତଥ୍ୟ ଦାଖଲ କରିବା (ସେଲ୍ଫ-ଏନୁମେରେସନ)ପାଇଁ ଏକ ବିକଳ୍ପ ରହିବ। ଆସନ୍ତା ବର୍ଷ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁରରେ ବିଧାନସଭା ହେବାକୁ ଯାଉଥିବାରୁ ଏଠାରେ ଜନଗଣନା କାର୍ଯ୍ୟ ବନ୍ଦ ରଖାଯାଇଛି । ସେହିପରି ଅତ୍ୟଧିକ ତୁଷାରପାତ କାରଣରୁ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶରେ ଏହି ସମୟରେ ଜନଗଣନା କରାଯାଇପାରିବ ନାହିଁ। ଲଦାଖରେ ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି । ବାଦ୍ ପଡିଥିବା ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପରବର୍ତ୍ତୀ ସମୟରେ ଜନଗଣନା କରାଯିବ। ଦେଶର ୮ମ ଜନଗଣନା କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ଘର ଗଣନା କରାଯାଇଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା କରାଯିବ । ଅଷ୍ଟମ ଜନଗଣନା କାର୍ଯ୍ୟ ୨୦୨୧ରେ ହେବାକୁ ଥିଲା । ମାତ୍ର କରୋନା ମହାମାରୀ ପାଇଁ ଏହାକୁ ସ୍ଥଗିତ ରଖାଯାଇଥିଲା ।

ଉତ୍ତରରୁ : ସେହିପରି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ପ୍ରବଳ ବର୍ଷା ଯୋଗୁଁ ଅନେକ ଗାଁରେ ଘରର ତଳ ମହଲା ପର୍ଯ୍ୟନ୍ତ ବନ୍ୟାପାଣି ପଶିଯାଇ ଚାରିଆଡ଼ ଜଳାର୍ଣ୍ଣବ ହୋଇପଡ଼ିଛି । ଏଭଳି ସଙ୍କଟଜନକ ସ୍ଥିତିରେ ଉଦ୍ଧାର କାର୍ଯ୍ୟ ପାଇଁ କୋଷ୍ଟଗାର୍ଡ ହେଲିକପ୍ଟର ନିୟୋଜିତ କରାଯାଇ ଗୁରୁତର ରୋଗୀମାନଙ୍କୁ ଏୟାରଲିଫ୍ଟ କରି ତୁରନ୍ତ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି । ଏହାସହିତ ନୌସେନାର ହେଲିକପ୍ଟର ଯୋଗେ ବିଭିନ୍ନ ଜଳବନ୍ଦୀ ଅଂଚଳରେ ରିଲିଫ୍ ଓ ଶୁଖିଲା ଖାଦ୍ୟ ସାମଗ୍ରୀ ଏୟାର ଡ୍ରପିଂ କରାଯାଉଛି । କୌଣସି ବି ପ୍ରଭାବିତ ପରିବାର କିମ୍ବା ବ୍ୟକ୍ତି ଯେପରି ଅନାହାରରେ ନରୁହନ୍ତି ଓ ପ୍ରତ୍ୟେକ ବନ୍ୟା ବିପନ୍ନଙ୍କ ପାଖରେ ରନ୍ଧା ଖାଦ୍ୟ କିମ୍ବା ଶୁଖିଲା ଖାଦ୍ୟ ପ୍ୟାକେଟ୍ ନିଶ୍ଚିତ ଭାବେ ପହଂଚେ, ତାହା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ଆରଡିସିଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ରିଲିଫ୍ ବଣ୍ଟନ ପାଇଁ ଗଞ୍ଜାମ ଜିଲ୍ଲାରେ ୨୧ଟି ସ୍ଥାନ ଚିହ୍ନଟ କରାଯାଇଛି । ନୌସେନାର ହେଲିକପ୍ଟର, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ରିଲିଫ୍ ବଣ୍ଟନ କରୁଛନ୍ତି। କେବଳ ହିଞ୍ଜିଳି ଅଂଚଳରେ ୧୨୦୦ କେଜିର ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଉଛି । କୋଷ୍ଟଗାର୍ଡ ହେଲିକପ୍ଟର ସହାୟତାରେ ପାଣି ଘେରରୁ ୬ଜଣଙ୍କୁ ଉଦ୍ଧାର କରାଯାଇଛି ଓ ସୋରଡ଼ା, ଆସିକା, ଧରାକୋଟ ଭଳି ଜଳବନ୍ଦୀ ଅଂଚଳରେ ଖାଦ୍ୟ ଓ ଜରୁରୀ ସାମଗ୍ରୀ ପହଂଚାଯାଇଛି । ପ୍ରବଳ ଭୂସ୍ଖଳନ ଯୋଗୁଁ ଜାତୀୟ ରାଜପଥ, ରାଜ୍ୟ ରାଜପଥ ସମେତ ବହୁ ମୁଖ୍ୟ ରାସ୍ତା ନଷ୍ଟ ହୋଇଯାଇଛି । ପୂର୍ବରୁ ଏଭଳି କ୍ଷୟକ୍ଷତି କେବେ ଦେଖିବାକୁ ମିଳିନଥିଲା । କନ୍ଧମାଳରେ କ୍ଷୟକ୍ଷତି ଓ ମୃତାହତକୁ ନେଇ କିଛି ଚର୍ଚ୍ଚା ଥିଲେ ମଧ୍ୟ ସରକାରୀସ୍ତରରେ କୌଣସି ସ୍ପଷ୍ଟୀକରଣ ବା ସତ୍ୟତା ମିଳିନାହିଁ। ପାଣିପାଗ ବିଭାଗ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଡ଼ ବର୍ଷାର ସମ୍ଭାବନା ନଥିବା ଦର୍ଶାଇଥିଲେ ସୁଦ୍ଧା ସରକାରୀ କଳ ସମ୍ପୂର୍ଣ୍ଣ ସତର୍କ ରହିଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

ଠିକ୍ ସେହିପରି ୧୦ଜଣ ବରିଷ୍ଠ ଓଏଏସଙ୍କ ସମେତ ମୋଟ ୩୦ଜଣ ଓଏଏସ୍ ଅଫିସର ଓ ୩ଟି ଇଞ୍ଜିନିୟରିଂ ଟିମ୍ ମଧ୍ୟ ଗଞ୍ଜାମକୁ ପଠାଯାଇଛି । ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନଆସିବା ପର୍ଯ୍ୟନ୍ତ ଏହି ଅଫିସରମାନେ ଗଞ୍ଜାମରେ କାର୍ଯ୍ୟ ଜାରି ରଖିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଏପଟେ ଗଞ୍ଜାମ ଜିଲ୍ଲାର ହିଞ୍ଜିଳି ବିଧାୟକ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ବନ୍ୟା ପରିସ୍ଥିତି ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳଙ୍କ ସହ କଥା ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ଅଂଚଳରେ ରିଲିଫ୍ ତଥା ପୁନରୁଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ବିଶେଷକରି ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଆକଳନ, ରାସ୍ତାଘାଟ ମରାମତି ଓ ସାଧାରଣ ଜୀବନଯାତ୍ରାକୁ ସ୍ୱାଭାବିକ କରିବା ପାଇଁ ରାଜ୍ୟ ପ୍ରଶାସନ ପକ୍ଷରୁ ଅଧିକ ପ୍ରଶାସନିକ ଅଧିକାରୀ ଓ ଇଞ୍ଜିନିୟର ଟିମକୁ ତୁରନ୍ତ ଦାୟିତ୍ୱ ଦିଆଯାଇଛି । ସାଧାରଣ ପ୍ରଶାସନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଭିନ୍ନ ଭିନ୍ନ ସରକାରୀ ଆଦେଶନାମା ଜାରି କରାଯାଇଛି । ଗଞ୍ଜାମ ଜିଲ୍ଲା ପ୍ରଶାସନକୁ ପୁନରୁଦ୍ଧାର କାର୍ଯ୍ୟରେ ସହଯୋଗ କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୧୦ ଜଣ ବରିଷ୍ଠ ଓଏଏସ ଅଧିକାରୀଙ୍କୁ ତୁରନ୍ତ ମୁତୟନ କରାଯାଇଛି । ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ପଂଚାୟତିରାଜ ବିଭାଗର ଯୁଗ୍ମ ସଚିବ ଗାୟତ୍ରୀଦତ୍ତ ନାୟକ, ଭୁବନେଶ୍ୱର ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ, କରଞ୍ଜିଆ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ବିଏମସି ଡେପୁଟି କମିଶନର ମନ୍ମଥ କୁମାର ନାୟକଙ୍କ ସମେତ ଅନ୍ୟ ପ୍ରମୁଖ ଅଫିସରମାନଙ୍କୁ ବିନା ବିଳମ୍ବରେ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କ୍ଷେତ୍ରସ୍ତରୀୟ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ ପାଇଁ ଆଉ ୨୦ ଜଣ ଓଏଏସ-ଏ (ଜୁନିୟର) ତଥା ଓଆରଏସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନଆସିବା ପର୍ଯ୍ୟନ୍ତ ଏହି ଅଧିକାରୀମାନେ ଗଞ୍ଜାମରେ କାର୍ଯ୍ୟ ଜାରି ରଖିବେ। ଠିକ୍ ସେହିପରି କନ୍ଧମାଳରେ ବଡ଼ ଧରଣର ଭୂସ୍ଖଳନ । କାନ୍ଦୁଅରେ ପୋତି ହୋଇ ୩ ଜଣଙ୍କ ମୃତ୍ୟୁ । ଏଠି ଯେ ଦିନେ ଗାଁ ଥିଲା ବିଶ୍ୱାସ କରିବା ମୁସ୍କିଲ। ଆଣ୍ଠୁଏରୁ ଅଣ୍ଡାଏ କାନ୍ଦୁଅରେ ପୋତି ହୋଇ ଘରଦ୍ୱାରର ଚିହ୍ନବର୍ତ୍ତ ନାହିଁ। କାନ୍ଦୁଅରେ ପୋତି ହୋଇ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ କନ୍ଧମାଳ ଜିଲ୍ଲା ଡାଙ୍ଗେଶି ଗାଁର ଅଚ୍ୟୁତା ନନ୍ଦ ପ୍ରଧାନ, ସ୍ତ୍ରୀ ମାନସୀ ନନ୍ଦ ପ୍ରଧାନ ଓ ତାଙ୍କ ୭ ମାସର ଶିଶୁ । ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍‌ଯୋଗେ କଥା ହୋଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ବାତ୍ୟା ପରେ ରାଜ୍ୟରେ ସୃଷ୍ଟି ହୋଇଥିବା ପରିସ୍ଥିତି ଓ ପ୍ରଭାବିତ ଅଞ୍ଚଳର ସ୍ଥିତି ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କଠାରୁ ପଚାରି ବୁଝିଛନ୍ତି ।ଏହି ଅବସରରେ ବାତ୍ୟା ପରବର୍ତ୍ତୀ ସ୍ଥିତିକୁ ନେଇ ରାଷ୍ଟ୍ରପତି ନିଜର ଉଦ୍‌ବେଗ ପ୍ରକାଶ କରିବା ସହ ଆବଶ୍ୟକ ସମୟରେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ଆଶ୍ୱାସନା ଦେଇଛନ୍ତି ।ରାଷ୍ଟ୍ରପତିଙ୍କ ଏହି ଯୋଗାଯୋଗ ବାତ୍ୟା ପରବର୍ତ୍ତୀ ସ୍ଥିତିରେ ରାଜ୍ୟର ପରିସ୍ଥିତି ଓ ପ୍ରଭାବିତ ଲୋକଙ୍କ ସମସ୍ୟା ପ୍ରତି ତାଙ୍କ ଚିନ୍ତାକୁ ପ୍ରତିଫଳିତ କରିଛି ।

୨୮,୬୯୩ : ୪୮,୬୪୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଆଜିର ମେଳାରେ ୧,୯୧୩ଜଣ ସେବକ-ସେବିକା ଏବଂ ୧୫୪ଜଣ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି । ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇ ବର୍ତ୍ତମାନ ସୁଦ୍ଧା ୨୮, ୬୯୩ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଚାକିରି ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେ ଆହୁରି କହିଛନ୍ତି ଯେ, ରାଜ୍ୟର ମୋଟ୍ ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବାରୁ, ସେମାନଙ୍କ ଶିକ୍ଷାଗତ ମାନବୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି । ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ, ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି । ଓଡ଼ିଶାରେ ସାନ୍ତାଳୀ ସମେତ ୧୦ଟି ଆଦିବାସୀ ଭାଷାରେ ବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ କରାଯାଉଛି । ଏହାବ୍ୟତୀତ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ 'ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା' ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି । ସେହିପରି ରାଜ୍ୟରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସଂଖ୍ୟା ୬୯କୁ ବୃଦ୍ଧି କରାଯାଇଥିବାବେଳେ ବର୍ଷକୁ ୫୦ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ 'ବିଦେଶ ଶିକ୍ଷାବୃତ୍ତି ଯୋଜନା' ମଧ୍ୟ ଆରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଶିକ୍ଷକମାନଙ୍କୁ ଜଣେ ଶିକ୍ଷକ ଭାବେ ପରାମର୍ଶ ଦେଇ କହିଛନ୍ତି ଯେ, ବିଦ୍ୟାଳୟରେ ପିଲାମାନଙ୍କ ମନରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବ ଜାଗ୍ରତ କରନ୍ତୁ ଏବଂ କଠିନ ନହୋଇ ଜଣେ ଆଦର୍ଶ ବନ୍ଧୁ ହୁଅନ୍ତୁ । ସେମାନଙ୍କର ମାର୍ଗଦର୍ଶନ କରନ୍ତୁ । କାର୍ଯ୍ୟକ୍ଷେତ୍ରର ବିଭିନ୍ନ ଆହ୍ୱାନକୁ ଧୈର୍ଯ୍ୟ, ନିଷ୍ଠା ଓ ସକାରାତ୍ମକ ମନୋଭାବ ସହ ସମାଧାନ କରନ୍ତୁ । 'କର୍ମ ହିଁ ଭଗବାନ' ନୀତିକୁ ଆପଣାଇ ନିୟମିତତା ବଜାୟ ରଖନ୍ତୁ । ମଧ୍ୟାହ୍ନ ଭୋଜନ ଭଳି ଯୋଜନାରେ କୌଣସି ପ୍ରକାର ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ ତେଣୁ ତା ପ୍ରତି ସଚେତନ ରୁହନ୍ତୁ। ଶିକ୍ଷକତା ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିବା ମଦ୍ୟପାନ କିମ୍ବା ଶିକ୍ଷାର୍ଥୀଙ୍କ ପ୍ରତି ଅମାନବିକ ଦଣ୍ଡବିଧାନ ଭଳି ବିଶୃଙ୍ଖଳିତ ଆଚରଣରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ । ଆଦର୍ଶ ଆଚରଣ ଶିକ୍ଷକ ମାନଙ୍କ ପାଇଁ ଅଧିକ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାସହ, ଦକ୍ଷିଣ ଓଡ଼ିଶାର ବନ୍ୟା ପ୍ରଭାବିତ ଅଞ୍ଚଳରେ ନିଯୁକ୍ତି ପାଇଥିବା ସେବକ/ସେବିକା ମାନଙ୍କୁ ବନ୍ୟା ଘେରରେ ଥିବା ଲୋକଙ୍କୁ ସହାୟତାର ହାତ ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ନିଯୁକ୍ତି ମେଳା କେବେ ହେବ ବୋଲି ଆପଣମାନଙ୍କ ମନରେ ଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଆଜି ଅନ୍ତ ଘଟିଛି । ଶିକ୍ଷକତା କେବଳ ଏକ ଚାକିରି ନୁହେଁ, ବରଂ ଏହା ଏକ ମହାନ ସେବା ଏବଂ ଆପଣମାନେ ହେଉଛନ୍ତି ରାଷ୍ଟ୍ର ନିର୍ମାତା, ଯାହାଙ୍କ ପାଇଁ ଆମ ଦେଶ ଗର୍ବିତ । ଯେତେବେଳେ ବିଦ୍ୟାଳୟଗୁଡ଼ିକ ଉତ୍ତମ ମଣିଷ ଗଢ଼ିବାର ଗୋଟିଏ ଗୋଟିଏ କାରଖାନା ପାଲଟିବେ, ସେତେବେଳେ ହିଁ 'ବିକଶିତ ଭାରତ' ଏବଂ 'ସମୃଦ୍ଧ ଓଡ଼ିଶା'ର ସ୍ୱପ୍ନ ସାକାର ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମସ୍ତ ନବନିଯୁକ୍ତଙ୍କ ନୂତନ ବୃତ୍ତିଗତ ଜୀବନର ଶୁଭକାମନା ଜଣାଇବା ସହ ଆଗାମୀ ଯୁବପିଢ଼ିର ଭବିଷ୍ୟତ ଗଢ଼ିବାର ସମ୍ପୂର୍ଣ୍ଣ ଦାୟିତ୍ୱ ଏବେ ଆପଣମାନଙ୍କ କାନ୍ଧରେ ବୋଲି କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ସେ ରାମକୃଷ୍ଣ ପରମହଂସ-ସ୍ୱାମୀ ବିବେକାନନ୍ଦ ହୁଅନ୍ତୁ କିମ୍ବା ଛତ୍ରପତି ଶିବାଜୀ, ଜଣେ ଉତ୍ତମ ଗୁରୁଙ୍କ ମାର୍ଗଦର୍ଶନ ବିନା କେହି



ପାଠକଙ୍କୁ କରେ ଆକର୍ଷଣ...

OMKAR DARPAN

ଓଁକାର ଦର୍ପଣ


PRGI No. : ORBIL/25A4283 WEEKLY NEWS PAPER ସାପ୍ତାହିକ ଖବରକାଗଜ

• VOL. 01 • ISSUE NO. 29 • BRAHMAPUR • WEEKLY • 02 TO 08 NOVEMBER, 2026 • RS. 5.00 • PAGE-8

• ଭାଗ-୦୧ • ସଂଖ୍ୟା- ୨୯ • ବ୍ରହ୍ମପୁର • ସାପ୍ତାହିକ • ୦୨-୦୮ ନଭେମ୍ବର, ୨୦୨୬ • ମୂଲ୍ୟ : ୫.୫.୦୦ • ପୃଷ୍ଠା-୮

Heavy rainfall warnings issued for southern Odisha as cyclonic storm Murasu gathers momentum

Bhubaneswar : Odisha officials initiated urgent relocations across vulnerable southern districts on Sunday following the formation of Cyclonic Storm Murasu over the Bay of Bengal. State administration activated contingency protocols as the developing weather system intensified, threatening coastal communities with severe downpours and strong winds. Meteorologists confirm the deep depression escalated into a cyclonic storm by late morning. Forecasters expect this system to evolve into a severe cyclonic storm by Monday. Tracking west-northwestwards, it will likely hit the southern Andhra Pradesh coastline between Nellore and Narsapur on Tuesday morning. Projected wind speeds could reach 120 kmph during landfall. This specific disturbance takes its name from an Indian proposal, which translates to a war drum in Tamil. Similar weather systems historically cause substantial infrastructure disruption along this eastern coastline, demanding rigorous preemptive planning from state disaster management units. Southern Odisha faces three consecutive days of intense precipitation. Weather experts issued yellow alerts for Ganjam and Gajapati starting Monday. Conditions will deteriorate by Tuesday, prompting orange warnings for heavy to very heavy rain in Gajapati, Ganjam, Rayagada, Koraput, and Malkangiri. Yellow alerts will remain active for Khordha, Puri, Nabarangpur, Kalahandi, Kandhamal, and Nayagarh. Similar weather warnings extend through Thursday across multiple interior and southern zones as the storm progresses. Revenue and Disaster Management Minister Suresh Pujari reviewed precautionary strategies during a high-level weekend meeting. Top bureaucrats and emergency personnel mapped out detailed contingency plans. Relocation efforts prioritise residents in landslide-prone regions, recalling the significant destruction previously witnessed during Cyclone Arnab. District collectors completed ground assessments and



prepared to shift populations into designated safe shelters."We will start evacuating people. Those whom the district administration identifies as living in vulnerable conditions will be persuaded to relocate to safer places," Pujari stated, confirming that advance preparations remain complete across districts. Ganjam Collector V. Keerthi Vasan ordered local officials to shift all at-risk residents to secure shelters by Sunday night. Local administrators must stockpile essential rations, cooked food, medical supplies, and backup generators in flood-prone villages. Specialised medical teams remain on standby to handle potential waterborne disease outbreaks or other health emergencies."Every life is precious," Vasan noted, directing officials to distribute relief materials generously. Officials urged fishermen to avoid entering the rough sea until Thursday. National Disaster Response Force units stand ready for deployment in sensitive locations to guarantee public safety.

'Vote chori' amounts to treason, Rahul Gandhi alleges at INDIA bloc rally

New Delhi: Congress leader Rahul Gandhi Sunday headlined the INDIA bloc's rally here to demand the removal of Chief Election Commissioner (CEC) Gyanesh Kumar, vowing to save democracy and the Constitution by ensuring that the poll panel Chief faces trial and goes to jail for "vote chori". Addressing the bloc's 'Dilli Chalo' rally, Rahul Gandhi said the "theft" by Gyanesh Kumar is not a normal theft "The vote chori carried out by him (CEC Gyanesh Kumar) is of the 'rarest of rare' category in legal terms," he added. Accusing the CEC of executing vote theft using EVMs and removal of 13.5 crore names from electoral rolls, Rahul Gandhi said, "What Gyanesh Kumar has done for PM Modi and Home Minister Amit Shah amounts to treason and theft of the voice of every citizen." He added that apart from the CEC, PM Narendra Modi and Home Minister Amit Shah will also have to face consequences for attacking the Constitution and democracy. "While Home Minister Shah announces that PM Modi is not going anywhere, we want to tell them that we will not let them)PM Modi and Home Minister Amit Shah) go anywhere till they face the consequences of their acts," Rahul Gandhi said while making insinuations about rigging in 2024 Lok Sabha and several Assembly polls. He said the large gathering at Ramlila Maidan represents the voice of youth, farmers and workers who have sent a strong message to those doing "Vote chori" that they will fight and defeat them.

"The people who have gathered here are sending the message that no matter who you are or how powerful and wealthy you are, you are not bigger than the Constitution. The Constitution is supreme," Rahul Gandhi said, describing the gathering as a collective show of strength to save democracy. The Leader of Opposition in the Lok Sabha said that CEC Gyanesh Kumar, PM Narendra Modi and Home Minister Amit Shah are experiencing sleepless nights due to their collective sin of "vote chori" and the imminent consequences that they will face.

"The Prime Minister, Home Minister Amit Shah and CEC Gyanesh Kumar have attacked the soul, democracy and Constitution of the nation but we will not tolerate this," Rahul Gandhi said, adding that the citizens do not want a nation of hatred, violence or a country controlled by a few wealthy people. He accused the Union government and the Rashtriya Swayamsevak Sangh of controlling national institutions and government agencies. Claiming that he has no enemies and that he believes in brotherhood and



non-violence, Rahul Gandhi revived his favourite catchline "Mohabat ki Dukan", assuring the thousands of supporters at the venue that "Mohabat ki Dukan is about to reopen soon".

ପାଠକଙ୍କୁ କରେ ଆକର୍ଷଣ...
OMKAR DARPAN
ଓଁକାର ଦର୍ପଣ
୦୨ - ୦୮ ନଭେମ୍ବର, ୨୦୨୬


ନୂଆଦିଲ୍ଲୀରେ ଗତ ମାସ ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହୋଇଯାଇଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ତାଙ୍କ ଆଗମନରେ ଭାରତୀୟ ଶୀର୍ଷ ନେତା ଆନନ୍ଦିତ ହୋଇଥିଲେ। ଏଥିସହିତ ଗୋଟେ ଧାରଣା ସୃଷ୍ଟି ହୋଇଥିଲା ଯେ, ୨୦୨୦ରେ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖର ଗଲୱାନ୍‌ଠାରେ ଚାଇନା ଓ ଭାରତୀୟ ଯବାନ ମୁହାଁମୁହିଁ ହେବା ସ୍ଥିତିରେ ଶିଥିଳତା ଆସିଥିବାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇବ। ଗଣମାଧ୍ୟମ ମଧ୍ୟ ଦେଶବାସୀଙ୍କୁ ବାରମ୍ବାର କହିଲା ଯେ, ଭାରତୀୟ ନେତୃତ୍ୱର ସଫଳ କୂଟନୀତି ଯୋଗୁ ଚାଇନା ଏବେ ଏକ ବନ୍ଧୁ ଦେଶ ପାଲଟିଗଲାଣି। ହେଲେ ଜିନ୍‌ପିଙ୍ଗ୍ ଭାରତରୁ ଫେରିବାର ମାସକ ପରେ ଅକ୍ଟୋବର ୧୩ରେ ଖବର ମିଳିଛି ଯେ, ଭାରତର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୨ ଅକ୍ଟୋବରରେ ଲଦାଖର ୨୮ଟି ସ୍ଥାନର ନାମ ପରିବର୍ତ୍ତନ କରି ସର୍ଭେ ଅଫ୍ ଇଣ୍ଡିଆର ସରକାରୀ ମାନଚିତ୍ରରେ ସେସବୁକୁ ସ୍ଥାନ ଦେଇଥିବାରୁ ଚାଇନା ତାହାକୁ ବିରୋଧ କରିଛି। ତା'ର ବହିର୍ବ୍ୟାପାର ମନ୍ତ୍ରଣାଳୟ ଭାରତର ପଦକ୍ଷେପକୁ ବେଆଇନ ଓ ଅବୈଧ କହିବା ସହ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳକୁ ଚାଇନା କେବେ ବି ସ୍ୱୀକୃତି ଦେଇ ନ ଥିବା ପ୍ରକାଶ କରିଛି। ଉଲ୍ଲେଖଯୋଗ୍ୟ ଯେ, ଭାରତ ଦ୍ୱାରା ନିୟନ୍ତ୍ରିତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ସଂଲଗ୍ନ ଅଞ୍ଚଳ ଉପରେ ଚାଇନା ନିଜର ଦାବି ଜାହିର କରିବା ପାଇଁ ଅରୁଣାଚଳ ପ୍ରଦେଶର ଅନେକ ଅଞ୍ଚଳର ନାମ ପରିବର୍ତ୍ତନ କରିବା ସହ ସେଗୁଡ଼ିକ ତା'ର ବୋଲି କହିଆସୁଛି। ଚାଇନାର ଏଭଳି ପଦକ୍ଷେପକୁ ଦୃଢ଼ ଜବାବ ଦେବାକୁ ଯାଇ ଭାରତ ଗତ ଅଗଷ୍ଟରେ ଅରୁଣାଚଳ ପ୍ରଦେଶର ୨୭ଟି ସ୍ଥାନ ଓ ଏବେ ଲଦାଖର ୨୮ ସ୍ଥାନର ନାମ ବଦଳାଇଛି। ଏଠାରେ ମନେପକାଇ ଦିଆଯାଇପାରେ, ଅରୁଣାଚଳ ପ୍ରଦେଶକୁ ଚାଇନା 'ଦକ୍ଷିଣ ତିବ୍ବତ' ବୋଲି ଆଖ୍ୟା ଦେଇ ଅରୁଣାଚଳ ପ୍ରଦେଶ ବାସିନ୍ଦାଙ୍କୁ 'ଷ୍ଟେପ୍‌ଲଡ ଭିଜା' ଜାରି କରିଥିଲା। ଏପରି କି ଅରୁଣାଚଳ ପ୍ରଦେଶର ଅନେକ ଅଞ୍ଚଳ ମଧ୍ୟ ମାଡ଼ି ବସି ଚାଇନା ନିଜର ବୋଲି କହୁଛି। ୨୦୨୦ରେ ଲଦାଖର ଗଲୱାନରେ ଚାଇନା ଓ ଭାରତୀୟ ଯବାନଙ୍କ ମଧ୍ୟରେ ହୋଇଥିବା ସଂଘର୍ଷର ପ୍ରଭାବ ଏଭଳି ରହିଥିଲା ଯେ, ଦୁଇ ଦେଶ ମଧ୍ୟରେ ସମ୍ପର୍କ ନିମ୍ନ ସ୍ତରକୁ ଚାଲିଆସିଥିଲା। ନିକଟରେ ସେହି ତିକ୍ତ ସମ୍ପର୍କରେ ସୁଧାର ହୋଇଆସୁଥିବା ବେଳେ ଭାରତର ପଦକ୍ଷେପକୁ ନେଇ ଚାଇନା ପ୍ରତିକ୍ରିୟାଶୀଳ ହୋଇଛି। ଏଥିରୁ ବୁଝିବାକୁ ହେବ ଯେ, ଚାଇନା କଦାପି ଭାରତ ସହ ସୁସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରୁନାହିଁ। ଭାରତ ସରକାର ନିଜ ତରଫରୁ ଗୋଡ଼ାଣିଆ ହୋଇ ଚାଲୁଥିବା ବେଳେ ଭାରତୀୟ ଗଣମାଧ୍ୟମ ଦେଶବାସୀଙ୍କୁ ଭ୍ରମିତ କରୁଛି। ଜଣାପଡ଼ିଛି ଯେ, ଲଦାଖ ଅଞ୍ଚଳରେ ଭାରତ ଯେଉଁ ନାମ ପରିବର୍ତ୍ତନ କରିଛି ସେଥିମଧ୍ୟରେ ୧୦ଟି ଶୃଙ୍ଗ, ୨ଟି ଗିରିପଥ, ୩ଟି ପାହାଡ़, ୭ଟି ଭୂଭାଗ, ୨ଟି ହିମବାହ, ୨ଟି ଜଳାଶୟ, ଏକ ଉପତ୍ୟକା ଓ ଏକ ନଦୀ ରହିଛି। ହେଲେ ଦେଶବାସୀଙ୍କୁ ଏସବୁର ନାମ ପରିବର୍ତ୍ତନ କରାଯାଇ କ'ଣ ରଖାଯାଇଛି ସେ ସମ୍ପର୍କରେ କୌଣସି ତଥ୍ୟ ସାଧାରଣରେ ପ୍ରକାଶ କରାଯାଇନାହିଁ। କିନ୍ତୁ ଭାରତର ଉଦ୍ୟମକୁ ଚାଇନା ବୁଝିପାରି ଖଣ୍ଡନ କରିସାରିଲାଣି। ଭାରତ ଓ ଚାଇନା ମଧ୍ୟରେ ସୀମାକୁ ନେଇ ବହୁବାର ବୈଠକ ହୋଇଥିଲେ ମଧ୍ୟ ତା'ର ସୁଫଳ ମିଳୁନାହିଁ। ଏହାର ମୁଖ୍ୟ କାରଣ ହେଲା ଭାରତ କୂଟନୈତିକ ସ୍ତରରେ ନିଜର ପ୍ରାଧାନ୍ୟ ଜାହିର କରିବାରେ ଅସଫଳ ହେଉଛି। ଉଦାହରଣ ସ୍ୱରୂପ, ନୂଆଦିଲ୍ଲୀଠାରେ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପରେ ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଆମେରିକା ଯାଇ ସେଠାକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଆଲୋଚନା କରି ଫେରିଥିଲେ। ସବୁ ଭାବୁଥିଲେ ଜିନ୍‌ପିଙ୍ଗଙ୍କ ଭାରତ ଗସ୍ତ ଚାଇନା ଓ ଆମେରିକା ମଧ୍ୟରେ ତିକ୍ତତା ସୃଷ୍ଟି କରିବ। ଦେଖିଲା ବେଳକୁ ଜିନ୍‌ପିଙ୍ଗ୍ ଓ ଟ୍ରମ୍ପ୍ ବହୁବିଧ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏହା ଜଣାଶୁଣା ଯେ, ଟ୍ରମ୍ପ୍‌ଙ୍କ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେତେ ବ୍ୟାକୁଳତା ଦେଖାଇଲେ ମଧ୍ୟ ତାଙ୍କର ପାକିସ୍ତାନ ଓ ଚାଇନା ପ୍ରତି ଫୁଟି ବାହାରୁଛି। ଏଭଳି ସୂକ୍ଷ୍ମ ପାର୍ଥକ୍ୟକୁ ଭାରତର ଶୀର୍ଷ ନେତା ବୁଝିପାରୁ ନ ଥିବାରୁ ଚାଇନା ହେଉ ବା ଅନ୍ୟ ଯେକୌଣସି ରାଷ୍ଟ୍ର ମୁଖ୍ୟ ଆସିଲେ ଭାବବିହ୍ୱଳ ସ୍ଥିତି ଉପୁଜୁଛି। ଦେଖିବାକୁ ଗଲେ ବହିର୍ବ୍ୟାପାର ସମ୍ପର୍କରେ ବ୍ୟକ୍ତିଗତ ସମ୍ପର୍କ ବା ଆବେଗର କୌଣସି ସ୍ଥାନ ନାହିଁ। ଯଦି ଗୋଟେ ରାଷ୍ଟ୍ର ସାମାଜିକ, ଆର୍ଥିକ, ବୈଜ୍ଞାନିକ, ସାମରିକ ଦୃଷ୍ଟିରୁ ଶକ୍ତିଶାଳୀ ହୋଇପାରନ୍ତା, ତାହା ହେଲେ ଅନ୍ୟ ଦେଶଗୁଡ଼ିକ ସମ୍ମାନ ଦେବାକୁ ଆଗେଇ ଆସନ୍ତେ। ସେଥିପାଇଁ ଭାରତୀୟ ନେତୃତ୍ୱକୁ ଆଭ୍ୟନ୍ତରୀଣ ଭୋଟ ପରିଚାଳନା ଚିନ୍ତା ଛାଡ଼ି ଅନ୍ତର୍ଜାତୀୟ ଆଭିମୁଖ୍ୟ କିଭଳି ସ୍ପଷ୍ଟ ହୋଇପାରିବ ସେହି ଦିଗରେ ପଦକ୍ଷେପ ନେବା ଦରକାର। ବିଭିନ୍ନ ଦେଶରେ ଥିବା ଭାରତୀୟ ସମୁଦାୟଙ୍କୁ ଏକତ୍ରିତ କରି ବାହାବା ଶୁଣିବା ଅପେକ୍ଷା ସମ୍ପୃକ୍ତ ଦେଶ ଭାରତକୁ କେଉଁଭଳି ଓ କେତେ ମାତ୍ରାରେ ଗୁରୁତ୍ୱ ଦେଉଛି ତାହାର ସମୀକ୍ଷା କରାଯିବା ଦରକାର। ସେଭଳି ବିଧ୍ୱବଦ୍ଧ ଅନୁଧ୍ୟାନ କରାଯାଉ ନ ଥିବାରୁ ଲୋକ ଯୋଗାଡ़ କରି ଶକ୍ତି ପ୍ରଦର୍ଶନ କରିବାକୁ ପଡୁଛି। ଆଜିର ସ୍ଥିତିରେ ଚାଇନାକୁ ରୋକ୍‌ଠୋକ୍ ଜବାବ ଦେବାକୁ ହେଲେ ନିଜ ଅଞ୍ଚଳର ନାମ ପରିବର୍ତ୍ତନ ଭଳି ଛୋଟିଆ ପଦକ୍ଷେପ ନେବା ଅପେକ୍ଷା ବହିର୍ବ୍ୟାପାର ନୀତିରେ ଦୃଢ଼ ଆଭିମୁଖ୍ୟ ଆଣିବା ଦରକାର।

ଜୟ ମା' ଶାରଳା !

ଅଖଣ୍ଡ ଭାରତର ଶିଳ୍ପୀ : ସର୍ଦ୍ଦାର ବଲ୍ଲଭଭାଇ ପଟେଲ



ଦଶରଥ ହେମ୍ବ୍ରମ୍
ଦୁର୍ନୀତି ନିବାରଣ ଅଧିକାରୀ,
ଦୁର୍ନୀତି ନିବାରଣ ବିଭାଗ,
ବାଲେଶ୍ୱର ଖଣ୍ଡ, ବାଲେଶ୍ୱର
ମୋ- ୯୩୩୭୪୦୪୨୫୪



ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଆଧୁନିକ ଭାରତ ନିର୍ମାଣ କରିବାରେ ଯେଉଁ ମହାନ ବ୍ୟକ୍ତିମାନଙ୍କ ଅମୂଲ୍ୟ ଅବଦାନ ମଧ୍ୟରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହେଉଛନ୍ତି ଅନ୍ୟତମ। ତାଙ୍କର ଦୃଢ଼ ଇଚ୍ଛାଶକ୍ତି, ଅଦମ୍ୟ ସାହସ, ଦେଶପ୍ରେମ ଓ ଦୂରଦୃଷ୍ଟି ପାଇଁ ସେ ସମଗ୍ର ଦେଶରେ 'ଲୌହମାନବ' ଭାବରେ ସେ ପରିଗଣିତ। ଭାରତ ଦେଶରେ ଥିବା ବିଭିନ୍ନ ରାଜ୍ୟର ବିଭିନ୍ନ ଭାଷା, ଧର୍ମ, ବର୍ଣ୍ଣ, ଲିଙ୍ଗ, ସଂସ୍କୃତି, ପରମ୍ପରା, ଇତିହାସ ଓ ଜାତିର ଲୋକମାନଙ୍କୁ ଏକତାର ସୂତ୍ରରେ ବାନ୍ଧିରଖିବାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ଅବିସ୍ମରିଣୀୟ। ସେ କେବଳ ସ୍ୱାଧୀନତା ସଂଗ୍ରାମୀ ନଥିଲେ, ବରଂ ଆଧୁନିକ ଭାରତର ଏକତା ଓ ଅଖଣ୍ଡତାର ଅନ୍ୟତମ ପ୍ରମୁଖ ବିନ୍ଧାଣି, ଯାହାକୁ ଆମେ ତାଙ୍କୁ ଅଖଣ୍ଡ ଭାରତର ଶିଳ୍ପୀ ବୋଲି କହିଥାଉ।

୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ଗୁଜରାଟରେ ଥିବା ନାଦିଆଦଠାରେ ଏକ ସାଧାରଣ କୃଷକ ପରିବାରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିଲାଦିନ ଗ୍ରାମୀଣ ପରିବେଶରେ ଅତିବାହିତ ହୋଇଥିଲା। ଛୋଟ ପିଲାଦିନରୁ ତାଙ୍କ ମନରେ ଦେଶପ୍ରେମ, ସାହସ, ଆତ୍ମବିଶ୍ୱାସ ଓ କର୍ତ୍ତବ୍ୟ ନିଷ୍ଠାର ଭାବନା ରହିଥିଲା। ପରିବାରର ସାଧାରଣ ଆର୍ଥିକ ପରିସ୍ଥିତି ସତ୍ତ୍ୱେ ସେ ଶିକ୍ଷାଲାଭ ପ୍ରତି ଗଭୀର ଆଗ୍ରହ ଦେଖାଇଥିଲେ। ପରବର୍ତ୍ତୀ ସମୟରେ ସେ ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଲଣ୍ଡନରୁ ଆଇନ ଶିକ୍ଷାଗ୍ରହଣ କରି ଜଣେ ସଫଳ ବାରିଷ୍ଟର ହୋଇପାରିଥିଲେ। ପରେ ସେ ଭାରତକୁ ଫେରିଆସି ଅହମ୍ମଦାବାଦରେ ଓକିଲାତି ଆରମ୍ଭ କରିଥିଲେ। ନିଜର ବୁଦ୍ଧିମତ୍ତା, କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା ଦ୍ୱାରା ସେ ଜଣେ ସଫଳ ଆଇନଜୀବୀ ଭାବେ ସମଗ୍ର ଭାରତରେ ପରିଚୟ ଲାଭ କରିଥିଲେ। ଏହାପରେ ୧୯୨୦ ମସିହାରେ ସେ ଅହମ୍ମଦାବାଦ ପୌରପାଳିକାର ପ୍ରଶାସନିକ କାର୍ଯ୍ୟରେ ଯୋଗ ଦେଇଥିଲେ। ସେଠାରେ ପ୍ରଶାସନିକ ସେବାକାର୍ଯ୍ୟରେ ଥିବାବେଳେ ସହରର ସ୍ୱଚ୍ଛତା, ନିଷ୍କାସନ ବ୍ୟବସ୍ଥା, ରାସ୍ତାଘାଟ, ବିଦ୍ୟୁତୀକରଣ ଓ ଶିକ୍ଷାର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ତାଙ୍କରଏହି ପ୍ରଶାସନିକ ଅଭିଜ୍ଞତା ପରବର୍ତ୍ତୀ ସମୟରେ ଦେଶ ଗଠନରେ ବିଶେଷ ସହାୟକ ହୋଇଥିଲା।

ଜାତିର ପିତାମହା ମ୍ୟାଗାନ୍ଧୀଙ୍କ ଆଦର୍ଶ ଓ ବିଚାରଧାରାରେ ଅନୁପ୍ରାଣିତ ହୋଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ସେ ସତ୍ୟ, ଅହିଂସା ଓ ଅସହଯୋଗକୁ ସ୍ୱାଧୀନତା ହାସଲ କରିବାର ମୁଖ୍ୟ ଅସ୍ତ୍ର ଭାବେ ଗ୍ରହଣ କରିଥିଲେ। ଗୁଜରାଟର ଗାଁଗାଁ ବୁଲି ସାଧାରଣଲୋକଙ୍କ ସମସ୍ୟା ବୁଝୁଥିଲେ ଏବଂ ସେମାନଙ୍କୁ ଅନ୍ୟାୟ ବିରୋଧରେ ଏକତ୍ରିତ ହେବାକୁ ଆହ୍ୱାନ କରୁଥିଲେ। ଭାରତରେ ଇଂରେଜ ଶାସନର ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ତାଙ୍କର ସଂଗ୍ରାମ ଦେଶବାସୀଙ୍କ ମନରେ ସାହସ ଓ ଆତ୍ମବିଶ୍ୱାସ ଜାଗ୍ରତ କରିଥିଲା।

ସର୍ଦ୍ଦାର ବଲ୍ଲଭଭାଇର ପ୍ରମୁଖ ଗୁଣ ଥିଲା ବିଶ୍ୱାସ ଓ ସଚ୍ଚୋଟତା। କୃଷକମାନେ ତାଙ୍କ ଉପରେ ଅତୁଟ ବିଶ୍ୱାସ ରଖୁଥିଲେ। ତାଙ୍କ ଜୀବନରେ କୃଷକ ଆନ୍ଦୋଳନର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଗୁଜରାଟର ଖେଡ଼ା ଅଂଚଳରେ କୃଷକମାନେ ଦୁର୍ଦ୍ଦଶାରେ ଥିବା ସମୟରେ ଇଂରେଜ ସରକାର ରାଜସ୍ୱ ଆଦାୟ କରିବାକୁ ଜୋର କରିଥିଲା। ଏହି ପରିପ୍ରେକ୍ଷୀରେ ମହାତ୍ମାଗାନ୍ଧୀଜୀଙ୍କ ସହଯୋଗରେ ସେ କୃଷକମାନଙ୍କୁ ସଂଗଠିତ କରି ଅନ୍ୟାୟ ବିରୋଧରେ ସତ୍ୟାଗ୍ରହ କରିଥିଲେ। ସେ ୧୯୨୮ ମସିହାରେ ବାର୍ଦୋଲୀର କୃଷକମାନଙ୍କ ଉପରେ ଭୂରାଜସ୍ୱ ବୃଦ୍ଧି କରାଯିବାରୁ ଏହାର ଦୃଢ଼ ବିରୋଧ କରିଥିଲେ। ତାଙ୍କ ନେତୃତ୍ୱରେ କୃଷକମାନେ ସତ୍ୟାଗ୍ରହ କରିଥିଲେ ଏବଂ ଶେଷରେ ସରକାରଙ୍କୁ ରାଜସ୍ୱ ହ୍ରାସ କରିବାକୁ ପଡ଼ିଥିଲା। ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ସ୍ୱର ଉଠାଇବା ସହ ବ୍ୟବସାୟୀ ଓ ଶିଳ୍ପପତିମାନଙ୍କ ମଧ୍ୟରେ ନିଜର ଦକ୍ଷତା ଓ ଦୂରଦୃଷ୍ଟି ପାଇଁ ସମ୍ମାନ ଲାଭ କରିଥିଲେ। ଏହି ସଫଳତାରେ ଖୁସିହୋଇ ବାର୍ଦୋଲୀର ମହିଳାମାନେ ତାଙ୍କୁ 'ସର୍ଦ୍ଦାର' ଉପାଧି ପ୍ରଦାନ କରିଥିଲେ। ଏହାଛଡ଼ା ସର୍ଦ୍ଦାର ପଟେଲ ଅସହଯୋଗ ଆନ୍ଦୋଳନ, ଲବଣସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏସବୁ ଆନ୍ଦୋଳନରେ ଯୋଗଦେବା କାରଣରୁ ତାଙ୍କୁ କାରାବରଣ ମଧ୍ୟ କରିବାକୁ ପଡ଼ିଥିଲା। ତଥାପିସେ ନିଜର ଲକ୍ଷ୍ୟରୁବିଚ୍ୟୁତ ହୋଇ ନଥିଲେ। ତାଙ୍କର ଦୃଢ଼ ମନୋବଳ, ତ୍ୟାଗ ଓ ନିଷ୍ଠା ସ୍ୱାଧୀନତା ସଂଗ୍ରାମକୁ ଅଧିକ ଶକ୍ତିଶାଳୀ କରିଥିଲା।

୧୯୪୭ ମସିହାରେ ଭାରତ ସ୍ୱାଧୀନତା ପରେ ସେ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ହୋଇଥିଲେ। ଦେଶରସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସେ ପ୍ରଧାନମନ୍ତ୍ରୀ ପଦ ଦୌଡ଼ରୁ ଓହରି ଯାଇଥିଲେ।ତାଙ୍କର ଦୃଢ଼ନେତୃତ୍ୱ ଓ କୂଟନୈତିକ ଦକ୍ଷତାବଳରେ ୫୬୨ଟି ରାଜକୀୟ ରାଜ୍ୟକୁ ଭାରତରେ ମିଶ୍ରଣ କରିଥିଲେ। ଏହି ଐତିହାସିକ କାର୍ଯ୍ୟ ଭାରତର ରାଜନୈତିକ ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିଥିଲା। ଏହି ଅସାଧାରଣ ଅବଦାନ ପାଇଁ ତାଙ୍କୁ 'ଭାରତର ଲୌହମାନବ' ଭାବେ ସମ୍ମାନିତ କରାଯାଏ। ତାଙ୍କର ଏହି ତ୍ୟାଗ ଓ ନିଃସ୍ୱାର୍ଥପର ସେବା ମନୋଭାବ ଦେଶବାସୀଙ୍କୁ ଦେଶସେବାର ପ୍ରକୃତ ଅର୍ଥ ଶିଖାଇ ଦେଇଥାଏ। ଦୀର୍ଘଦିନ ଧରି ଦେଶସେବାକରିବା ପରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୧୯୫୦ ମସିହା ଡିସେମ୍ବର ୧୫ ତାରିଖରେ ବମ୍ବେଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ସମାଧି ଶୋଭାଯାତ୍ରାରେ ପ୍ରଧାନମନ୍ତ୍ରୀ ନେହରୁ ଏବଂ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ସହ ପାଖାପାଖି ଦଶ ଲକ୍ଷ ଲୋକ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁ ଭାରତ ପାଇଁ ଏକ ଅପୂରଣୀୟ କ୍ଷତି ଥିଲା। କିନ୍ତୁ ତାଙ୍କର ଆଦର୍ଶ ଓ ଅବଦାନ ଆଜି ମଧ୍ୟ ଦେଶବାସୀଙ୍କୁ ପ୍ରେରଣା ଦେଉଛି। ତାଙ୍କ ଜନ୍ମଦିନ ଅକ୍ଟୋବର ୩୧କୁ ୨୦୧୪ ମସିହାଠାରୁ ପ୍ରତିବର୍ଷ 'ରାଷ୍ଟ୍ରୀୟଏକତା ଦିବସ' ଭାବେ ସମଗ୍ର ଭାରତରେ ପାଳନ କରାଯାଉଛି। ଏହା ଭାରତର ଏକତା, ଅଖଣ୍ଡତା ଓ ଜାତୀୟ ସଂହତି ପ୍ରତି ଦେଶବାସୀଙ୍କୁ ଦାୟିତ୍ୱକୁ ମନେ ପକାଇଦିଏ। ୨୦୧୮ ମସିହା ଅକ୍ଟୋବର ୩୧ ତାରିଖରେତ କ୍ୱାଳୀନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗୁଜରାଟରେ ତାଙ୍କର ୧୮୨ ମିଟର ଉଚ୍ଚତା ବିଶିଷ୍ଟ 'ଏକତାର ପ୍ରତିମୂର୍ତ୍ତି' ଉଦ୍‌ଘାଟିତ ହୋଇଥିଲା। ଏହି ପ୍ରତିମୂର୍ତ୍ତି ତାଙ୍କର ମହାନ ବ୍ୟକ୍ତିତ୍ୱ ଓ ଜାତୀୟ ଏକତାର ପ୍ରତୀକ। ଭାରତ ଇତିହାସରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜଣେ ଅମର ଜନନାୟକ ତଥା ଅଖଣ୍ଡ ଭାରତର ଶିଳ୍ପୀ। ତାଙ୍କର ଦୃଢ଼ ସଂକଳ୍ପ, ତ୍ୟାଗ, ନିର୍ଭୀକ ନେତୃତ୍ୱ ଓ ଅତୁଳନୀୟ ଦେଶପ୍ରେମ ଭାରତକୁ ଏକତାର ସୂତ୍ରରେ ବାନ୍ଧିରଖିଥିଲା। ତାଙ୍କ ଜୀବନ ଆମକୁ ଶୃଙ୍ଖଳା, ସଚ୍ଚୋଟତା, ତ୍ୟାଗ ଓ ଜାତୀୟ ଏକତାର ଶିକ୍ଷା ଦିଏ। ଦେଶରଏକତା ଓ ଅଖଣ୍ଡତା ରକ୍ଷାକରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। ଏହି ମହାନ ଜନନେତା ତଥା ଯୁଗପୁରୁଷଙ୍କୁ କୋଟିକୋଟି ପ୍ରଣାମ।

ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ଗଞ୍ଜାମ ଜିଲ୍ଲାରେ କ୍ଷୟକ୍ଷତି ଅନୁଧ୍ୟାନ ସହ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ

ଭୁବନେଶ୍ୱର : ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ କ୍ଷୟକ୍ଷତିର ଅନୁଧ୍ୟାନ ଏବଂ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ପାଇଁ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ଗଞ୍ଜାମ ଜିଲ୍ଲା ଗସ୍ତ କରିଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସେ ଜିଲ୍ଲାର ସାନଖେମୁଣ୍ଡି, ଶେରଗଡ଼, ଦିଗପହଣ୍ଡି ଓ ହିଞ୍ଜିଳିକାଟୁ ଆଦି ବିଭିନ୍ନ ବ୍ଲକ୍‌ର ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ରାସ୍ତା ଓ ଭିତ୍ତିଭୂମିର ସ୍ଥିତି ଅନୁଧ୍ୟାନ କରିବା ସହ ପୁନରୁଦ୍ଧାର ଓ ମରାମତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ବାତ୍ୟା ପରେ ଜନସାଧାରଣଙ୍କ ଯାତାୟାତକୁ ସ୍ୱାଭାବିକ କରିବା ଏବଂ ସଡ଼କ ଯୋଗାଯୋଗ ବ୍ୟବସ୍ଥାର ତ୍ୱରିତ ପୁନଃରୁଦ୍ଧାର ଉପରେ ପୂର୍ତ୍ତ ବିଭାଗ



ସର୍ବାଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛି। ଏହି କ୍ରମରେ ଜିଲ୍ଲାର ଅନେକ କ୍ଷତିଗ୍ରସ୍ତ ରାସ୍ତାର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ ହୋଇଛି। ଫଳରେ ବିଭିନ୍ନ ଅଞ୍ଚଳରେ ଗମନାଗମନ ବ୍ୟବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିବା ସହ ଯାତାୟାତ ସ୍ୱାଭାବିକ ହେବାରେ ଲାଗିଛି।

ଗସ୍ତ ଅବସରରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିଭିନ୍ନ ସ୍ଥାନରେ ଚାଲିଥିବା ମରାମତି ଓ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଅବଶିଷ୍ଟ କ୍ଷତିଗ୍ରସ୍ତ ରାସ୍ତା ଓ ଭିତ୍ତିଭୂମିର ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମ୍ପନ୍ନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏଠାରେ ସୂଚନାଯୋଗ୍ୟଯେ ବାତ୍ୟା ପରବର୍ତ୍ତୀ ସମୟରେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ପୂର୍ତ୍ତ ବିଭାଗ ତ୍ୱରିତ ଗତିରେ ପୁନଃରୁଦ୍ଧାର କାର୍ଯ୍ୟକୁ ଆଗେଇ ନେଉଛି ଓ ଯେଉଁ ସ୍ଥାନଗୁଡ଼ିକରେ ପୁନରୁଦ୍ଧାର କାର୍ଯ୍ୟ ବାକି ରହିଛି, ସେଠାରେ କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ବିଭାଗୀୟ ଅଧିକାରୀ ଓ କ୍ଷେତ୍ରସ୍ତରୀୟ ଯନ୍ତ୍ରୀମାନଙ୍କ ସମନ୍ୱୟରେ ନିରନ୍ତର ତଦାରଖ ମାଧ୍ୟମରେ ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପନ୍ନ କରିବା ସହ ଜିଲ୍ଲାର ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସ୍ୱାଭାବିକ କରିବା ଦିଗରେ ପୂର୍ତ୍ତ ବିଭାଗ ନିରନ୍ତର ପ୍ରୟାସ ଜାରି ରଖିଛି।

ବାତ୍ୟା 'ଅର୍ଣ୍ଣବ' ପ୍ରଭାବ

ନଦୀରେ ଜଳସ୍ତର ବୃଦ୍ଧି, ବନ୍ୟା ପରିସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ ଓ ବିଧାୟକ



ଫୁଲବାଣୀ : ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ କନ୍ଧମାଳ ଜିଲ୍ଲାରେ ଗତକାଲି ଦିନତମାମ ପ୍ରବଳ ବର୍ଷା ହେବା ଫଳରେ ସାଲୁଙ୍କି ନଦୀର ଜଳସ୍ତର ବୃଦ୍ଧି ପାଇଛି। ନଦୀରେ ଜଳସ୍ତର ବଢ଼ିବା ଯୋଗୁଁ ଟିକାବାଲି ବ୍ଲକ ଓ ପାବୁରିଆ ଅଞ୍ଚଳକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ସେତୁ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହି ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ଓ ଯୋଗାଯୋଗ ବ୍ୟବସ୍ଥାକୁ ନେଇ ପ୍ରଶାସନ ତତ୍ପର ହୋଇଉଠିଛି।ଏହି ପରିପ୍ରେକ୍ଷୀରେ ମାନ୍ୟବର ମନ୍ତ୍ରୀ ଶ୍ରୀ ରବିନାରାୟଣ ନାୟକ କନ୍ଧମାଳ ଜିଲ୍ଲା ଗସ୍ତ କରି ଫୁଲବାଣୀ ବିଧାୟକ ଶ୍ରୀ ଉମା ଚରଣ ମଲ୍ଲିକ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ବିଶେଷକରି ଟିକାବାଲି ଓ ପାବୁରିଆ ଅଞ୍ଚଳକୁ ସଂଯୋଗ କରୁଥିବା ସେତୁ ନିକଟରେ ପହଞ୍ଚି ବନ୍ୟାଜଳ ପ୍ରବାହର ସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ ଅଞ୍ଚଳର ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହା ସହିତ ମାନ୍ୟବର ମନ୍ତ୍ରୀ ଜି. ଉଦୟଗିରିରୁ ଟିକାବାଲି ଅଞ୍ଚଳ ଗସ୍ତ କରି 'ଅର୍ଣ୍ଣବ' ବାତ୍ୟାର ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସନ୍ଧ୍ୟାରେ ଫୁଲବାଣୀ ବ୍ଲକ ଅନ୍ତର୍ଗତ ଆଲାମୀ ଗ୍ରାମ ପଞ୍ଚାୟତର ଲୁହୁରବାଲୀ ଗ୍ରାମକୁ ଗସ୍ତ କରି ସେଠାକାର ପରିସ୍ଥିତି ମଧ୍ୟ ପରିଦର୍ଶନ କରିଥିଲେ। ବାତ୍ୟାଜନିତ ବର୍ଷା ଓ ବନ୍ୟାଜଳ ଯୋଗୁଁ ଜନସାଧାରଣଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନହୁଏ, ସେଥିପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ବନ୍ୟାଜଳ ପ୍ରବାହିତ ହେଉଥିବା ସେତୁ ଓ ରାସ୍ତା ଅତିକ୍ରମ ନକରିବାକୁ ଜନସାଧାରଣଙ୍କୁ ସତର୍କ କରାଯାଇଛି। ଏଥିସହ ପ୍ରଶାସନର ନିର୍ଦ୍ଦେଶାବଳୀ ପାଳନ କରିବା ସହ ନିଜର ଓ ନିଜ ପରିବାରର ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଅନୁରୋଧ କରାଯାଇଛି।

ବର୍ଷା, ପବନ ଓ ବନ୍ୟାଜଳକୁ ଖାତିର ନ କରି ବିପନ୍ନଙ୍କ ଦୁଆରେ କଂଗ୍ରେସ ପାତ୍ରପୁର

ଦୁର୍ଗମ ଆଦିବାସୀ ଅଞ୍ଚଳରେ ପହଞ୍ଚିଲେ, ଖାଦ୍ୟ ବଣ୍ଟନ ସହ ବିପର୍ଯ୍ୟସ୍ତ ପରିବାରଙ୍କ ସମସ୍ୟା ବୁଝିଲେ

ଚିକିଟି : ବାତ୍ୟାର ପ୍ରକୋପରେ ଜନଜୀବନ ଅସ୍ତବ୍ୟସ୍ତ। କେଉଁଠି ପ୍ରବଳ ବର୍ଷା ତ କେଉଁଠି ଝଡ଼ ପବନ ଓ ବନ୍ୟାଜଳରେ ଗ୍ରାମାଞ୍ଚଳର ଜୀବନଯାତ୍ରା ବାଧାପ୍ରାପ୍ତ। ଏଭଳି ବିପର୍ଯ୍ୟୟ ସମୟରେ ଚିକିଟି ନିର୍ବାଚନ ମଣ୍ଡଳୀର ବାତ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ବିପନ୍ନ ପରିବାରଙ୍କ ସ୍ଥିତି ଅନୁଧ୍ୟାନ କରିଛନ୍ତି ଚିକିଟି କଂଗ୍ରେସର ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଦ୍ୟାନ ସାମନ୍ତରାୟ।

ବର୍ଷା, ଝଡ଼ ପବନ ଓ ବନ୍ୟାଜଳର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ବିଭିନ୍ନ ବାତ୍ୟା ପ୍ରଭାବିତ ଗ୍ରାମକୁ ଯାଇ ଲୋକଙ୍କ ଦୁର୍ଦ୍ଦଶା ବୁଝିବା ସହ ଆବଶ୍ୟକ ସହାୟତା ପ୍ରଦାନ କରିଛନ୍ତି। ବିଶେଷକରି ଅସହାୟ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରିବା ସହ ବିପର୍ଯ୍ୟୟ ସମୟରେ ସେମାନଙ୍କୁ ସାହସ ଓ ଭରସା ଦେଇଛନ୍ତି। ବାତ୍ୟାରେ ଅଧିକ ପ୍ରଭାବିତ ହୋଇଥିବା ଅଙ୍କୁଳି, ତୁମ୍ବା ଓ ବୁରାତଳା ଭଳି ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତକୁ ସେ ପ୍ରାଥମିକତା ଦେଇଥିଲେ। ଏଥିସହ ବି. ନୂଆଗାଁ, ସାମନ୍ତିଆପଲ୍ଲୀ, ଗୁଡ଼ିପଦର, ଜୟନ୍ତୀପୁର, କେଶରୀପଡ଼ା ଓ କମ୍ବାରିଗାଁ ଆଦି ଅଞ୍ଚଳରେ ପହଞ୍ଚି ବାତ୍ୟାର ପ୍ରଭାବ ଓ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। କେବଳ ରିଲିଫ୍ ବଣ୍ଟନରେ ସୀମିତ ନରହି ଘରଦ୍ୱାରର କ୍ଷୟକ୍ଷତି, ଖାଦ୍ୟପେୟର ସମସ୍ୟା, ପାନୀୟ ଜଳ ଯୋଗାଣ ଓ ଯାତାୟାତରେ ଦେଖାଦେଇଥିବା ଅସୁବିଧା ସମ୍ପର୍କରେ ମଧ୍ୟ ସେ ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରିଥିଲେ। ବିପର୍ଯ୍ୟୟ ଯୋଗୁଁ ଚିନ୍ତାରେ ଥିବା ପରିବାରଗୁଡ଼ିକୁ ସାନ୍ତ୍ୱନା ଦେବା ସହ ସମ୍ଭବ ମୁତାବକ ସହଯୋଗର ଆଶ୍ୱାସନା ଦେଇଥିଲେ। ବିଶେଷକରି ଦୁର୍ଗମ ଆଦିବାସୀ ଗ୍ରାମଗୁଡ଼ିକରେ ବାତ୍ୟା ପରବର୍ତ୍ତୀ ସ୍ଥିତି ଅଧିକ ଚିନ୍ତାଜନକ ରହିଥିବାରୁ ସେଠାରେ ପହଞ୍ଚିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଯେଉଁ ଅଞ୍ଚଳରେ ସହାୟତା ପହଞ୍ଚିବାରେ ବିଳମ୍ବ ହେବାର ଆଶଙ୍କା ରହିଛି, ସେଠାରେ ଲୋକଙ୍କ ସମସ୍ୟା ବୁଝିବା ଓ ସହାୟତା ପହଞ୍ଚାଇବା ତାଙ୍କର ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି ଅବସରରେ ରବୀନ୍ଦ୍ର ଦ୍ୟାନ ସାମନ୍ତରାୟ କହିଥିଲେ, "ବିପତ୍ତି ସମୟରେ ରାଜନୀତି, ଦଳୀୟ ଭେଦଭାବ କିମ୍ବା ଆକ୍ଷେପ ପ୍ରତିଆକ୍ଷେପର କୌଣସି ସ୍ଥାନ ନାହିଁ। ଏଭଳି ସମୟରେ ମଣିଷ ପାଖରେ ମଣିଷ ଭାବେ ଠିଆ ହେବା ହିଁ ସବୁଠାରୁ ବଡ଼ କର୍ତ୍ତବ୍ୟ। ଲୋକଙ୍କ ଦୁଃଖଦୁର୍ଦ୍ଦଶାରେ ସାମିଲ ହୋଇ ସମ୍ଭବ ମୁତାବକ ସହଯୋଗ କରିବା ମୋର ପ୍ରାଥମିକତା।" ଅନ୍ୟପକ୍ଷରେ, ଅର୍ଣ୍ଣବ ବାତ୍ୟା ଚିକିଟି ନିର୍ବାଚନ ମଣ୍ଡଳୀର ଅନେକ ଗ୍ରାମରେ କ୍ଷୟକ୍ଷତି ଘଟାଇଥିବାରୁ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବିଶେଷକରି ଦୁର୍ଗମ ଆଦିବାସୀ ଗ୍ରାମଗୁଡ଼ିକରେ କ୍ଷୟକ୍ଷତିର ସଠିକ୍ ଆକଳନ, ଖାଦ୍ୟ ଓ ପାନୀୟ ଜଳ ଯୋଗାଣ, ରାସ୍ତାଘାଟର ପୁନରୁଦ୍ଧାର ଏବଂ ପ୍ରଭାବିତ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ ଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ। ବାତ୍ୟା ପରି ଦୁର୍ବିପାକ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚିବା, ସେମାନଙ୍କ ସମସ୍ୟା ଶୁଣିବା ଓ ଆବଶ୍ୟକ ସହାୟତା ଯୋଗାଇବା ହିଁ ଜନସେବାର ମୂଳ ଉଦ୍ଦେଶ୍ୟ। ଅର୍ଣ୍ଣବ ବାତ୍ୟା ସମୟରେ ଚିକିଟି ନିର୍ବାଚନ ମଣ୍ଡଳୀ ରବିଭିନ୍ନ ପ୍ରଭାବିତ ଅଞ୍ଚଳକୁ ରବୀନ୍ଦ୍ର ଦ୍ୟାନ ସାମନ୍ତରାୟଙ୍କ ଗସ୍ତ ଓ ସହାୟତାମୂଳକ ପଦକ୍ଷେପ ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



ବନ୍ୟା ପ୍ରଭାବିତ ରାଇକିଆବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସରକାରୀ ମେଡିକାଲ କଲେଜ ପକ୍ଷରୁ ଡାକ୍ତରୀ ଦଳ ନିୟୋଜିତ



ଫୁଲବାଣୀ : କନ୍ଧମାଳ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ତ୍ୱରିତ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସରକାରୀ ମେଡିକାଲ କଲେଜ, ଫୁଲବାଣୀର କମ୍ୟୁନିଟି ମେଡ଼ିସିନ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଦଳକୁ ରାଇକିଆ ଅଞ୍ଚଳକୁ ପଠାଯାଇଛି । ସେମାନେ ସେଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ସେବା ଯୋଗାଇଦେବେ । ଏହି ଡାକ୍ତରୀ ଦଳ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ବିଶେଷଜ୍ଞ ଚିକିତ୍ସା ସେବା ସହିତ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ। ଏଥିସହ ବନ୍ୟା ପରବର୍ତ୍ତୀ ସମୟରେ ଜଳବାହିତ ରୋଗ ଓ ଅନ୍ୟାନ୍ୟ ସଂକ୍ରାମକ ରୋଗର ପ୍ରତିରୋଧ, ସ୍ୱଚ୍ଛତା ରକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ମଧ୍ୟ ଲୋକମାନଙ୍କୁ ଆବଶ୍ୟକ ପରାମର୍ଶ ପ୍ରଦାନ କରିବେ।

ଝଡ଼

॥ ଅନୁସୂୟା ମିଶ୍ର ॥



ବାରମ୍ବାର ଏମିତି ଝଡ଼ଟିଏ ଉଠେ
ଜୀବନର ବେଳାଭୂମି ପରେ
ଅନ୍ଧକାର ଘୋଟିଆସେ,
ଲାଗେ....ଏଇ ଶେଷ ବୋଧେ
ହେଲେ ଝଡ଼ ଥମେ
ସବୁକିଛି ସ୍ୱାଭାବିକ ହୋଇଯାଏ ଆପେ ଆପେ ।

ଝଡ଼ ପରର ଆକାଶଟା ବେଶି ଫର୍ଚ୍ଚା ଦିଶେ
ବାରିହୁଏ ସ୍ପଷ୍ଟ
ନିଜର ଆଶଙ୍କା ଆଉ ଉଦବେଳନସବୁକୁ
କଳିହୁଏ ନିଜକୁ,ନିଜ ପାରିବାପଣକୁ
ଚାରିଆଡ଼ର ବିପର୍ଯ୍ୟସ୍ତତାକୁ ପରଖି ଦେଖୁ ଦେଖୁ ।

ଯାହା ହଜିବାର ଥାଏ ହଜିଯାଏ
ଯାହା ଲିଭିବାର ଥାଏ ଲିଭିଯାଏ
ନା ଭାଗ୍ୟ କେବେ କୈଫିୟତ ଦିଏ
ନା ଅଦୃଷ୍ଟ କେବେ ଦୃଶ୍ୟମାନ ହୁଏ ।

ଏମିତି ଏମିତି
ଝଡ଼ଟିଏ ନିତିଦିନିଆ ହୋଇଗଲା ପରେ
ଅବ୍ୟବସ୍ଥିତ ଦୁନିଆ ଭିତରେ ବି
ନିଜକୁ ବ୍ୟବସ୍ଥିତ ରଖିବାଟା ଜରୁରୀ ହୋଇପଡ଼େ,
ବତାସର ବେଗ ସହ ଯୁଝିବା ଅପେକ୍ଷା
ବିଶ୍ୱାସ ଭରିବାକୁ ପଡ଼େ ନିଜସ୍ୱ ଚାରିକାନ୍ଥରେ ।

ପବନର ପାଦଶବ୍ଦ ପାଇଁ
କାନ ଡେରି ରହିବାକୁ ହୁଏ, ଭିତରେ ବାହାରେ

ତାର ପାଗଳାମିକୁ ବୁଝିବାକୁ ଯାଇ
ପ୍ରଶାନ୍ତିର ପରିଧିଟିଏ ଆଙ୍କିବାକୁ ହୁଏ
ଅଶାନ୍ତ ଏକ ପାରାବାର ପରେ ।

ମନ କହେ, ଆକାଶେ ଆଶଙ୍କାକୁ ଭେଦି
ମଥା ପରେ ଯଦି ଛାତଟିଏ ଅଛି
ଏତେସବୁ ଖିନଭିନ ହୋଇଗଲା ପରେ ବି
ପାଦ ତଳେ ଯଦି
ସବୁଜିମାର ସ୍ପର୍ଶ କିଛି ଏବେ ବି ବାକି ଅଛି,
ତାହେଲେ ଆଉ ଚିନ୍ତା କଣ ଯେ....

ଜୀବନଟା ବେଶି ବେଶି ଜୀବନ୍ତ ଲାଗେ
ଝଡ଼ ଟିକେ ଥମି ଗଲା ପରେ ପରେ
ଜୀଇଁବାଟା ମୁଖରିତ ହୋଇଉଠେ
ନିଃଶ୍ୱାସର ଚଲାପଥ ସ୍ପଷ୍ଟ ହୋଇଗଲା ପରେ ।

(ଭୁବନେଶ୍ୱର)

ଅକୁହା କଥା

॥ ଡ଼ ସ୍ୱର୍ଣ୍ଣ ଲତା ଲେଙ୍କା ॥



କିଛି କଥା ରହିଯାଉ ଛାତି ତଳେ
ଅସମାପ୍ତ ଗପ ହୋଇ
ନଖୋଲୁ କେବେ ହୃଦୟ ଦରଜା
ଆଉ ଥରେ ତୁମ ପାଇଁ।
ଇଚ୍ଛା ସବୁ କବର ନିଅନ୍ତୁ ପୁଣି
ସେମିତି ଏ ଛାତି ତଳେ
ମରିଯାଉ ଆଶା ବୃକ୍ଷ ଏଇ ତପ୍ତ
ଚୈତାଳୀ ଝାଞ୍ଜି ଖରାରେ।
ଏରାତି ଗାଉଛି ସ୍ୱେରା ରାଗିଣୀ
କବରୀ ଫିଟି ନଯାଉ
ଏ ମିଳନ ଗୀତ କେବେ ହୃଦୟକୁ
ମୋ ଜାବୋଡି ନନେଉ।
ଛଳନାର ରାତିଟା ଆସେ ପ୍ରତାରଣା
ହସ ନେଇ ତ ପାଖକୁ
କାଳ ନାଗୁଣୀ ପରି ରାତିଟା ମନେ
ଦଂଶନ ଭରି ନ ଦେଉ।
ନଫିଟୁ ସେଇ ଗୁମର ପଡ଼ିଥାଉ
ସାତ ଗଣ୍ଠି ପଣତରେ
ଶୁଖିଯାଉ ଆଶାର ବୈତରଣୀଟା
ନଉଠୁ ଲହରୀ ମନେ।
ଅଙ୍କୁରିତ ନହେଉ ନୂଆ ସ୍ୱପ୍ନ ଯେ
ତୁମପାଇଁ ମନେ ମୋର
ଅଧା ଲେଖା କବିତାରେ ତୁମେ ଥାଅ
ସେଇମିତି ସବୁଦିନ।
ନଭାଙ୍ଗୁ ପୁଣି ଆଉଥରେ ଏ ଭଙ୍ଗା
ହୃଦୟଟା କାହାପାଇଁ
ମନ ଭୁଲ ଯାଉ କଛ ଆସିଥିଲେ
ସ୍ୱାର୍ଥରେ ହୃଦୟ ଛୁଇଁ।

ଅଧା ଖୋଲା ଏଇ ହୃଦୟ ଦୁଆର
ଝରୁ ରକ୍ତ ଝରଝର
ମନ ତଳେ ରହିଅଛି ଥାକ ଥାକ
ଯେ ବହଳ ଅନ୍ଧକାର ।
ସେ ଅନ୍ଧାର ଭଲ ଲାଗେ ଲୁଚିଯାଏ
କେତେ ଯେ ଅକୁହା କଥା
ଚାନ୍ଦର ଚାନ୍ଦିନୀ ଜମା ଲୋଡ଼ା ନାହିଁ
ମନେ ପଡେ କଳଙ୍କ ଟା।

ଯାଜପୁର

ଆହେ ପ୍ରଭୁ

ଡ଼ଃ ଲକ୍ଷ୍ମୀଆନ୍ନା ନନ୍ଦଡା

ଆହେ ପ୍ରଭୁ କଳା ଶ୍ରୀମୁଖ ହେ ଭେଳା
ବୁଢ଼ିଲାଣି ଡାକି ଡାକି,
ବୟସ ପାହାଚ ସରିଆସିଲାଣି
କାଳ ଡାକୁଅଛି ଛକି!!
ମନେ ପଡେ ଦିନେ ଡ଼ାକିଥିଲି ମନେ
ପିଲାଟି ଦିନ ରୁ ନାଥ,
ସେଇ ବେଳେ ବାପ ହରା ହେଲି ପ୍ରଭୁ
ତୁମେ କି ନ ଜାଣ ସତ!!
ପିତା ମାତା ଭାଇ ସର୍ବସ୍ୱ ହରାଇ
ତୁମକୁ ଆସରା କଲି,
ଜଞ୍ଜାଳ ଜୀବନ ବାନ୍ଧିଦେଲ ନାଥ
ତୁମକୁ ମୁଁ ଗଲି ଭୁଲି!!
ମାୟାରେ ବାନ୍ଧୁଛ ମାୟାଧର ପ୍ରଭୁ
ତୁମ ମାୟା ନ ଜାଣଇ,
ସୁଖ ନ ପାଇଲି ଭଜି ତୁମ ନାମ
ଦୁଃଖ ଦରିଆ ରେ ରହି!!
ହେ ଦୀନ ବାନ୍ଧବ ହେ ରାଧା ମାଧବ
ହେ କୃଷ୍ଣ କେଶବ ହରି,
ହେ ମଧୁସୂଦନ ପତିତ ପାବନ
ବୃନ୍ଦାବନ ବଂଶୀଧାରୀ!!
କୃପା କର ବାରେ ଆହେ ରମାବର
ଭବ ଜଳେ ଭାସିଗଲି,
କର ଯୋଡି ଦୂରୁ କରୁଛି ପ୍ରଣାମ
ମତେ ନ ଯିବ ଟି ଭୁଲି!!

ବ୍ରହ୍ମପୁର, ଗଞ୍ଜାମ

ମାଆ

କାର୍ତ୍ତିକ ପାଣିଗ୍ରାହି



ଜାଣ ଅଜାଣରେ ଲେଖିଦେଲେ ଥରେ
କାଗଜେ ମାଆର ନାମ
କଲମ ବି କୁହେ ଲୋଡ଼ା ନାହିଁ ଆଉ
ବୁଲିଯିବା ଚାରିଧାମ.....
ସତରେ.....
ମାଆ.....
ଏମିତି ଏକ ଏକକ ଶବ୍ଦ
ଯାହା ସବୁକିଛିକୁ ଏକାକାର କରିଦିଏ
ମାଆ ଆକଶଠୁ ପ୍ରଶସ୍ତ
ସାଗର ଠୁ ଗଭୀର
ପୃଥିବୀଠୁ ଉଦାର
ଜୀବନ ମୃତ୍ୟୁ ର ଆଧାର
ସନ୍ତାନର ମୁହଁକୁ ଦେଖି
ଯିଏ ଅନୁଭବ କରିପାରେ
ତା ଜୀବନର ଦୁର୍ବିସହତାକୁ
ସିଏ ହେଲା ମାଆ..
ହସକୁ ଦେଖି ଯିଏ
ଆଙ୍କି ଦେଇପାରେ
ଖୁସିର କାହାଣୀଟିକୁ
ସିଏ ହେଲା ମାଆ.
ଆଖିକୁ ଦେଖି ଯିଏ
କଳି ନେଇପାରେ
ମନର ଗଭୀରତାକୁ
ସିଏ ହେଲା ମାଆ...
ଜଗତଜନନୀଙ୍କ ଦଶ
ଦିନର ଆଗମନକୁ ନେଇ
ଆମର ଦଶ ମାସର ପରିକଳ୍ପନା
କେତେ ନାଚଗୀତର ଆସର
କେତେ
ବାଜାବାଜଣାର ସମାହାର
ଅଥଚ
ଯିଏ ଦଶ ମାସ ଦଶଦିନ
ଗର୍ଭରେ ଧରିଲା
ସିଏ ଆଜି ଅବହେଳିତ
ନିଷ୍ପେସିତ ଅତ୍ୟାଚାରିତ...
କାହିଁକି...
କାହିଁକି ଏ ପକ୍ଷପାତ...
ମୃଣ୍ମୟୀ ମାତୃମୂର୍ତ୍ତିଟି ପାଇଁ
ଯଦି ଆମ ମନରେ
ଏତେ ଆତୁରତା

ମମତାର ଜୀବନ୍ତ ପ୍ରତିମୂର୍ତ୍ତି ଆଜି
କାହିଁକି ହୁଏ
ଜରାନିବାସର ଦ୍ୱାରସ୍ଥ...
ଏଇ କଣ ମାତୃତ୍ୱର ଉପାସନା...
ମା ପ୍ରତି ଆମର
ଅନାବିଳ ଭକ୍ତିଭା..
ଭାବିକି ଦେଖନ୍ତୁ ତ
ଆମକୁ କିଏ ଦରକାର
ମଣିଷ ତିଆରି ଭଗବାନ,
ନା ଭଗବାନ ତିଆରି ମଣିଷ ?
କଥା ଆମର ବିଚାର ଆପଣଙ୍କର ...

ବ୍ରହ୍ମପୁର

ଋଷିକୁଲ୍ୟା ନଦୀର ବନ୍ୟା ସ୍ଥିତି ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ



ଭୁବନେଶ୍ୱର : ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ନଦୀ ଜଳସ୍ଥିତି ଏବଂ ବନ୍ୟା ସୁରକ୍ଷା ଭିତ୍ତିଭୂମିର ଅନୁଧ୍ୟାନ ପାଇଁ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଏବଂ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁରସ୍ଥିତ ଋଷିକୁଲ୍ୟା ନଦୀର ଗେଜ୍ କେନ୍ଦ୍ର ପରିଦର୍ଶନ କରି ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଋଷିକୁଲ୍ୟା ନଦୀର ଜଳସ୍ତର ୧୫.୮୩୫ ମିଟର ଆର୍.ଏଲ୍. ରେକର୍ଡ କରାଯାଇଥିଲା, ଯାହା ନିର୍ଦ୍ଧାରିତ ଚେତାବନୀ ସ୍ତରଠାରୁ ସାମାନ୍ୟ ନିମ୍ନରେ ରହିଥିଲା। ଏହାପରେ ଟିମ୍ ହନୁମାନପାଲି ନିକଟସ୍ଥ ହିରାଧରାବତୀ ଆନିକଟଠାରେ ଋଷିକୁଲ୍ୟା ବନ୍ୟା ସୁରକ୍ଷା ବନ୍ଧର ଧୋଇଯାଇଥିବା ଅଂଶ ଏବଂ ମୁଖ୍ୟ କେନାଲର ଆଦ୍ୟଭାଗ ପରିଦର୍ଶନ

➡ ନଦୀର ଜଳସ୍ତର ଚେତାବନୀ ସ୍ତରଠାରୁ ନିମ୍ନରେ

➡ କ୍ଷତିଗ୍ରସ୍ତ ବନ୍ୟା ସୁରକ୍ଷା ବନ୍ଧର ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ

କରି ବାତ୍ୟାଜନିତ ବନ୍ୟାରେ
ùj ûA[âû l dl Zò@^ éû
Kepûf öG ûi j j eòû eb ûWò
@^ KUp Rû j ab ò@^ KUp
cEý ùK^ û Gaõ_û ùd Rk
CùCk^ ùK| â_ebgô Keò
l dl Zè i Ýò@ éû Kepûf ö
ùl Zâ_ebgô i cdùe
_âe gû^ i Pà i Û ùd
Mêaûùw i j @ûf P^ûKeò
a^ýûi Ýòl i Û ùd bòbcè
l dl Zòi µKde ùi cûu
cZûcZ l i ci ýûgòpûf ö
a§e bûwòA[âûû@ge i VKp
@Kk^ l Rb-UýMp ùUMa p
i j Z[ýbòK eò_ûò_éE
KeaKei i µé @Kûeûcû u ê

ନିର୍ଦ୍ଦେଶ ଦେଇଥିଲେ। ଏଥିସହ କ୍ଷତିଗ୍ରସ୍ତ ବନ୍ଧର ସମୟୋଚିତ ପୁନରୁଦ୍ଧାର ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି ତ୍ୱରାନ୍ୱିତ କରିବା ସହ ଆବଶ୍ୟକ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ଷେତ୍ର ପରିଦର୍ଶନ ସମୟରେ ମୁଖ୍ୟ ଯନ୍ତ୍ରୀ, ଡ୍ରେନେଜ୍, ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କ୍ଷେତ୍ରୀୟ ଅନୁଧ୍ୟାନ ଦ୍ୱାରା କ୍ଷୟକ୍ଷତିର ସଠିକ୍ ତଥ୍ୟ ସଂଗ୍ରହ ଓ ପ୍ରଭାବିତ ବନ୍ୟା ସୁରକ୍ଷା ଭିତ୍ତିଭୂମିର ତ୍ୱରିତ ପୁନରୁଦ୍ଧାର ପାଇଁ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି।

ଚିକିଟି ନିର୍ବାଚନ ମଣ୍ଡଳୀର ସ୍ଥିତିକୁ ପରଖିଲା ବିଜେଡିର ସ୍ୱତନ୍ତ୍ର ଟିମ

ଚିକିଟି (କୁରେଶୁ ସାହୁ) : ବାତ୍ୟା ଅର୍ଣ୍ଣବ ପ୍ରଭ୍ୱା ରେ ପ୍ରଭାବିତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ରିପୋର୍ଟ ସଂଗ୍ରହରେ ଆଜି ବିଜେଡି ର ଏକ ସ୍ୱତନ୍ତ୍ର ଟିମ ଚିକିଟି ନିର୍ବାଚନ ମଣ୍ଡଳୀ ର ଚିକିଟି ବ୍ଲକ ଓ ପାତ୍ରପୁର ବ୍ଲକ ପରିଦର୍ଶନ କରିଥିଲେ। ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ପରଖିଥିଲେ। ବିଜେଡିର ଏହି ଟିମ ବନ୍ୟା ପରିସ୍ଥିତି ଓ ଲୋକଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲା।

ଚିକିଟି ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀରୂପ ଦେବ ରାଜ୍ୟସ୍ତରୀୟ ଅନୁଧ୍ୟାନକାରୀ ଦଳକୁ ସ୍ୱାଗତ କରିଥିଲେ। ଏହାପରେ ଦଳୀୟ ନେତାମାନେ ଚିକିଟି ଓ ପାତ୍ରପୁରର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ବନ୍ୟା ଯୋଗୁଁ ଲୋକେ ଭୋଗୁଥିବା ସମସ୍ୟା, ରାସ୍ତାଘାଟର ଅବସ୍ଥା ଏବଂ ଆବଶ୍ୟକ ସହାୟତା ସମ୍ପର୍କରେ ଦଳ ପକ୍ଷରୁ ତଥ୍ୟ ସଂଗ୍ରହ କରାଯାଇଥିଲା।

ରାଜ୍ୟସ୍ତରୀୟ ତଥ୍ୟ ଅନୁଧ୍ୟାନକାରୀ ଦଳରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପ୍ରମିଳା ମଲ୍ଲିକ, ଟୁକୁନି ସାହୁ, ଶ୍ରୀକାନ୍ତ ସାହୁ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଲତିକା ପ୍ରଧାନ, ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡା ଏବଂ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କ ସମେତ ଅନ୍ୟ ନେତାମାନେ ସାମିଲ ଥିଲେ। ସଂଗୃହୀତ ତଥ୍ୟ ଓ ରିପୋର୍ଟ ବିଜେଡି ସୁପ୍ରିମୋ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ। ଏହା ମାଧ୍ୟମରେ ବନ୍ୟା ପ୍ରଭାବିତ ଲୋକଙ୍କ ସମସ୍ୟା ଓ କ୍ଷୟକ୍ଷତିର ବାସ୍ତବ ଚିତ୍ର ଦଳୀୟ ନେତୃତ୍ୱଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଜଣାପଡ଼ିଛି।





ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ଗଞ୍ଜାମରେ ଜରୁରୀକାଳୀନ ବୈଠକ

ଛତ୍ରପୁର : ଆସନ୍ତା ନଭେମ୍ବର ୨ ଓ ୩ ତାରିଖରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଏବଂ ଜଳବନ୍ଦୀ ପରିସ୍ଥିତି ଉପୁଜିବାର ଆଶଙ୍କା ଥିବାରୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାର ମୁକାବିଲା ପାଇଁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆଜି ଛତ୍ରପୁରସ୍ଥିତ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଏକ ଜରୁରୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବର୍ଷା ଯୋଗୁଁ ଯେଉଁ ସବୁ ଅଞ୍ଚଳରେ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି, ସେଠାରେ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଆଗୁଆ ସୂକ୍ଷ୍ମ ଯୋଜନା ପ୍ରସ୍ତୁତ କରିବା ସହ ଆସନ୍ତାକାଲି ରାତି ସୁଦ୍ଧା ବିପଦସଂକୁଳ ସ୍ଥାନରେ ରହୁଥିବା ସମସ୍ତଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ବିପଦସଂକୁଳ ସ୍ଥାନରେ ଯେପରି ଜଣେ ହେଲେ ବ୍ୟକ୍ତି ରହିବେ ନାହିଁ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ପ୍ରତ୍ୟେକ ଗ୍ରାମରେ ମାଇକ୍ ଯୋଗେ ସଚେତନତା ଓ ସତର୍କ ସୂଚନା ପ୍ରଚାର କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜଳବନ୍ଦୀ ଆଶଙ୍କା ଥିବା ଅଞ୍ଚଳର ପ୍ରତ୍ୟେକ ଗ୍ରାମ ଓ ଗ୍ରାମପଞ୍ଚାୟତରେ ପର୍ଯ୍ୟାପ୍ତ ରାସନ ସାମଗ୍ରୀ, ରନ୍ଧା ଖାଦ୍ୟ, ପାନୀୟ ଜଳ ଏବଂ ଜେନେରେଟରର ଆଦିର ବ୍ୟବସ୍ଥା କରିବାକୁ କୁହାଯାଇଛି। କୌଣସି ବ୍ୟକ୍ତି ଯେପରି ଭୋକିଲା ନ ରହିବେ, ସେଥିପାଇଁ ଉଦାରତାର ସହ ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ବଣ୍ଟନ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ କହିଛନ୍ତି। ପ୍ରତ୍ୟେକ ଜୀବନ ମୂଲ୍ୟବାନ। ତେଣୁ ଦିନରାତି ଏକ କରି ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ବ୍ଲକ୍ ଓ ଗ୍ରାମପଞ୍ଚାୟତ ସ୍ତରରେ ଯେକୌଣସି ଆବଶ୍ୟକତା ଥିଲେ ତୁରନ୍ତ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗର୍ଭବତୀ ମହିଳାମାନଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ସମସ୍ତ ଅସୁରକ୍ଷିତ ସ୍ଥାନରେ ରହୁଥିବା ଲୋକଙ୍କୁ ଆଗୁଆ ସ୍ଥାନାନ୍ତର କରିବାକୁ କୁହାଯାଇଛି। ବର୍ଷା ଓ ବନ୍ୟା ଯୋଗୁଁ ପାନୀୟ ଜଳ ପ୍ରଦୂଷିତ ହେବାର ଆଶଙ୍କା ଥିବାରୁ ଏହାର ମୁକାବିଲା ପାଇଁ ପର୍ଯ୍ୟାପ୍ତ ଡାକ୍ତରୀ ଦଳ ଓ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରିବାକୁ କୁହାଯାଇଛି। ଝାଡ଼ାବାନ୍ତି, ସାପ କାମୁଡ଼ା ଏବଂ ଅନ୍ୟାନ୍ୟ ସମ୍ଭାବ୍ୟ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ଆବଶ୍ୟକ ଔଷଧ ଓ ଚିକିତ୍ସା ସେବା ପ୍ରସ୍ତୁତ ରଖିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନେ ନଭେମ୍ବର ୨ରୁ ୪ ତାରିଖ ମଧ୍ୟରେ ଏବଂ ପ୍ରତିକୂଳ ପାଣିପାଗ ସମୟରେ ସମୁଦ୍ରକୁ ନ ଯିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ଆବଶ୍ୟକତା ଅନୁଯାୟୀ ଏନ୍‌ଡିଆର୍‌ଏଫ୍ ଓ ଓଡ୍ରାଫ୍ ଟିମ୍‌ଗୁଡ଼ିକୁ ସମ୍ବେଦନଶୀଳ ସ୍ଥାନରେ ଆଗୁଆ ମୁତୟନ କରିବାକୁ କୁହାଯାଇଛି। ଗୃହପାଳିତ ପଶୁ ଓ ଅନ୍ୟାନ୍ୟ ପ୍ରାଣୀସମ୍ପଦଙ୍କ ପାଇଁ ମଧ୍ୟ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ମହଜୁଦ ରଖିବାକୁ ପ୍ରାଣୀ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ଲୋକମାନେ ସମ୍ପ୍ରତି ବନ୍ୟା ଯୋଗୁଁ ବହୁ ଦୁଃଖ ଓ କଷ୍ଟ ମଧ୍ୟରେ ରହିଛନ୍ତି। ତେଣୁ ଏଭଳି ସମୟରେ ପ୍ରଭାବିତ ଲୋକଙ୍କୁ ଅତିଥିଙ୍କ ଭଳି ସମ୍ମାନ, ସମ୍ବେଦନଶୀଳତା ଓ ଆତ୍ମୀୟତାର ସହ ବ୍ୟବହାର କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମତ୍ସ୍ୟଜୀବୀମାନେ ନଭେମ୍ବର ୨ରୁ ୪ ତାରିଖ ମଧ୍ୟରେ ସମୁଦ୍ରକୁ ନ ଯିବାକୁ ପରାମର୍ଶ

ବନ୍ୟା ବିପନ୍ନଙ୍କୁ ଅତିଥିଙ୍କ ଭଳି ସମ୍ମାନ ଓ ଆତ୍ମୀୟତାର ସହ ବ୍ୟବହାର କର: ଜିଲ୍ଲାପାଳ

କାର୍ଯ୍ୟରେ ଅବହେଳା କଲେ କଠୋର କାର୍ଯ୍ୟାନୁଷ୍ଠାନ

ରିଲିଫ୍ ବଣ୍ଟନ ସମୟରେ କୌଣସି ପ୍ରକାର କାର୍ପଣ୍ୟ ନ କରି ଆବଶ୍ୟକତା ଅନୁଯାୟୀ ସହାୟତା ଯୋଗାଇଦେବାକୁ ସେ କହିଛନ୍ତି। ସମସ୍ତ ଅଧିକାରୀ ନିଜ ନିଜ ଦାୟିତ୍ୱକୁ ଗୁରୁତ୍ୱର ସହ ନିର୍ବାହ କରିବା ଆବଶ୍ୟକ। କାର୍ଯ୍ୟରେ କୌଣସି ପ୍ରକାର ଅବହେଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ ଏବଂ ଅବହେଳା କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ବୈଠକରେ ଅନ୍ୟ ଜିଲ୍ଲାରୁ ଆସିଥିବା ବରିଷ୍ଠ ଅଧିକାରୀ, ଏଡିଏମ୍ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା, ସୁନୀଲ କେର୍କେଟା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଆଇଏଏସ୍ ପ୍ରଶିକ୍ଷାର୍ଥୀ ଏସ୍. ଶରଣ୍ୟା ପ୍ରମୁଖ ଯୋଗ ଦେଇଥିଲେ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମସ୍ତ ବିଭାଗର ଅଧିକାରୀ, ବିଡିଓ ଓ ତହସିଲଦାର ବୈଠକରେ ଯୋଡ଼ି ହୋଇଥିଲେ।

ବିଜେପି ରାଜ୍ୟ ସଭାପତିଙ୍କ ଛତ୍ରପୁର ଓ ଗଞ୍ଜାମ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ

ବ୍ରହ୍ମପୁର : ଭାରତୀୟ ଜନତା ପାର୍ଟି ଓଡ଼ିଶା ରାଜ୍ୟ ସଭାପତି ମନମୋହନ ସାମଲ ଆଜି ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ଗଞ୍ଜାମ ବ୍ଲକ ଅନ୍ତର୍ଗତ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି । ବାତ୍ୟା ପରବର୍ତ୍ତୀ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ଅନେକ ସ୍ଥାନରେ ଘାଇ ସୃଷ୍ଟି ହୋଇଛି । ଫଳରେ ବହୁ ଅଞ୍ଚଳ ଜଳମଗ୍ନ ହେବା ସହ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ସାମଲ ବରପଲ୍ଲୀ, ଭୁଆଁଭୂଇଁ, ପୋଟଲାମପୁର, ଗଙ୍ଗାପୁର ସମେତ ବିଭିନ୍ନ ଗ୍ରାମ ପରିଦର୍ଶନ କରି ସ୍ଥାନୀୟ ଚାଷୀ ଓ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚିଛି କି ନାହିଁ, ରନ୍ଧା ଖାଦ୍ୟ ବଣ୍ଟନର ବ୍ୟବସ୍ଥା କିପରି ଚାଲିଛି ଏବଂ ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତା ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚୁଛି କି ନାହିଁ, ସେ ସମ୍ପର୍କରେ ସେ ପଚାରି ବୁଝିଥିଲେ । ଏହା ସହିତ ଚାଷୀମାନଙ୍କ ଫସଲ କ୍ଷୟକ୍ଷତି, କୃଷି ଋଣ ଛାଡ଼, ଘାଇ ମରାମତି, ଜଳନିଷ୍କାସନ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ଆଗାମୀ ଦିନରେ ଏଭଳି ପରିସ୍ଥିତିର ପୁନରାବୃତ୍ତି ରୋକିବା ସହ ଲୋକଙ୍କ ଜୀବନଯାପନକୁ ସ୍ୱାଭାବିକ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ଏଥିସହ ବନ୍ୟା ପରିସ୍ଥିତି ପରେ ପୁନର୍ବାର ଥଇଥାନ ଓ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କିଭଳି ସର୍ବବ୍ୟାପି ସର୍ବସ୍ପର୍ଶୀ ହୋଇପାରିବ ଏଥି ନିମନ୍ତେ ସ୍ଥାନୀୟ ବିଡିଓ, ସ୍ଥାନୀୟ ସରପଞ୍ଚ, ଜିଲ୍ଲା ପରିଷଦ ସଦସ୍ୟ ଓ ସମିତି ସଭ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ବନ୍ୟା ପ୍ରଭାବିତ ଅଞ୍ଚଳରେ ଲଗାତାର ରିଲିଫ୍ ସାମଗ୍ରୀ ଓ ରନ୍ଧା ଖାଦ୍ୟ ବଣ୍ଟନ ଜାରି ରଖିବା ସହ ପ୍ରଭାବିତ ପରିବାରଗୁଡ଼ିକୁ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇଦେବା ଉପରେ ରାଜ୍ୟ ସଭାପତି ଶ୍ରୀ ସାମଲ ଗୁରୁତ୍ୱାରୋପ କରିଥିଲେ । ଜନସାଧାରଣଙ୍କ ସମସ୍ୟାର ସମାଧାନ ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ଜୀବନଯାପନ ଫେରାଇ ଆଣିବା ପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ



ପଦକ୍ଷେପ ନେବା ଉପରେ ଏହି ଗସ୍ତରେ ଆଲୋକପାତ କରାଯାଇଥିଲା । ଏହି ଗସ୍ତ ସମୟରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସମ୍ପାଦକ ସରୋଜ କର,ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ,ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ତଥା ଛାତ୍ରପୁରର ପୂର୍ବତନ ବିଧାୟକ ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, ଜିଲ୍ଲା ସମ୍ପାଦକ ଦୁର୍ଯ୍ୟୋଧନ ରେଡ୍ଡୀ ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ବ୍ରହ୍ମପୁରର ଜଳନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ବିଧାୟକ

ବ୍ରହ୍ମପୁର : ଅର୍ଣ୍ଣବ ବାତ୍ୟାର ପରବର୍ତ୍ତୀ ସମୟରେ ବ୍ରହ୍ମପୁର ସହରରେ ହୋଇଥିବା ବାଦଲ ଫଟା ବର୍ଷା ସହରରେ ସୃଷ୍ଟି ହୋଇଛି ଗୁରୁତର ଜଳବନ୍ଦୀ ସମସ୍ୟା। ଲଗାଣ ବର୍ଷା ଓ ପ୍ରବଳ ପବନ ଯୋଗୁଁ ସହରର ବଭନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ଜନଜୀବନ ଗଭୀର ଭାବେ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ବାତ୍ୟା ପରବର୍ତ୍ତୀ ପରିସ୍ଥିତିର ସମୀକ୍ଷା ଓ କ୍ଷୟକ୍ଷତିର ଆକଳନ ପାଇଁ ଆଜି ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତରେ ଆସିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ଠାରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ସ୍ୱାଗତ ଜଣାଇଥିଲେ। ଏହାପରେ ଭଞ୍ଜବିହାରସ୍ଥିତ ସର୍କିଟ୍‌ହାଉସ୍‌ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ବ୍ରହ୍ମପୁର ସହରର ବର୍ତ୍ତମାନର ସ୍ଥିତି, ଜଳବନ୍ଦୀ ସମସ୍ୟା ଓ ବାତ୍ୟା ପରବର୍ତ୍ତୀ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ବିଶେଷକରି ବ୍ରହ୍ମପୁର ସହରର ଦୀର୍ଘଦିନର ସମସ୍ୟା ଡ୍ରେନେଜ୍ ଓ ସ୍ୱରେଜ୍ ବ୍ୟବସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ସହରର ଜଳ ନିଷ୍କାସନ ବ୍ୟବସ୍ଥାର ସ୍ଥାୟୀ ସମାଧାନ ପାଇଁ ପ୍ରସ୍ତୁତ ହୋଇଥିବା ଡିପିଆର ସମ୍ପର୍କରେ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ପ୍ରକଳ୍ପକୁ ଯଥାଶୀଘ୍ର ଅନୁମୋଦନ ସହ କାର୍ଯ୍ୟ ଆରମ୍ଭ କରାଗଲେ ବ୍ରହ୍ମପୁର ସହରରେ ବର୍ଷା ଦିନରେ ଦେଖାଦେଉଥିବା ଜଳବନ୍ଦୀ ସମସ୍ୟାକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିବ ବୋଲି ସେ ମତ ରଖିଥିଲେ। ବିଶେଷକରି ସହରର ତଳିଆ ଅଞ୍ଚଳଗୁଡ଼ିକରେ ବର୍ଷା ଜଳ ଜମି ରହିବା, ଘର ଭିତରକୁ ପାଣି ପଶିବା ଏବଂ ଯାତାୟାତରେ ବାଧା ସୃଷ୍ଟି ହେବା ଭଳି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଏହି ପ୍ରକଳ୍ପର ଗୁରୁତ୍ୱ ରହିଛି। କେବଳ ତତ୍କାଳୀନ ରିଲିଫ୍ ଓ ସହାୟତା ନୁହେଁ, ଭବିଷ୍ୟତରେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହରକୁ ଜଳବନ୍ଦୀ ସମସ୍ୟାରୁ ସୁରକ୍ଷିତ ରଖିବା ପାଇଁ ଦୀର୍ଘମିଆଦୀ ଯୋଜନା ଓ ଭିତ୍ତିଭୂମିର ବିକାଶ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏଭଳି ଡ୍ରେନେଜ୍ ଓ ସ୍ୱରେଜ୍ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ ବ୍ରହ୍ମପୁରବାସୀଙ୍କ ପାଇଁ ଏକ ପ୍ରମୁଖ ଆବଶ୍ୟକତା ହୋଇପଡ଼ିଛି। ବୈଠକରେ ଏହି ପ୍ରସଙ୍ଗ ସମେତ ସହରର ଅନ୍ୟାନ୍ୟ ଆବଶ୍ୟକତା, ବିପର୍ଯ୍ୟୟ ପରବର୍ତ୍ତୀ ସ୍ଥିତିର ସୁଧାର ଓ ଜନସାଧାରଣଙ୍କ ସମସ୍ୟାର ସମାଧାନ ନେଇ ବିଭିନ୍ନ ଦିଗରେ ଆଲୋଚନା ହୋଇଥିଲା। ସହରବାସୀଙ୍କ ଦୀର୍ଘଦିନର ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ବ୍ରହ୍ମପୁରର ଭବିଷ୍ୟତ ଭିତ୍ତିଭୂମି ବିକାଶ ଦିଗରେ ଏହି ଆଲୋଚନାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଦେଖାଯାଉଛି।



ଆତ୍ମସଚେତନତା ଦୁର୍ନୀତି ଦୂର କରିବ

ବ୍ରହ୍ମପୁର : ବ୍ରହ୍ମପୁର ଦୁର୍ନୀତି ନିବାରଣ ଖଣ୍ଡ କାର୍ଯ୍ୟାଳୟ ତରଫରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳନ କରାଯାଇଛି । ଏଥିନିମନ୍ତେ ମହାନଗର ନିଗମ ସମ୍ମିଳନୀ କକ୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଦକ୍ଷିଣାଞ୍ଚଳ ଆରକ୍ଷୀ ମହାନିର୍ଦ୍ଦେଶକ, ବ୍ରହ୍ମପୁର ଜୟ ନାରାୟଣ ପଙ୍କଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ପାରିବାରିକ ସଂସ୍କାର ପାଇଥିବା କେହି ଦୁର୍ନୀତି ପରାୟଣ ହେବେ ନାହିଁ ବୋଲି ଉଲ୍ଲେଖ କରିଥିଲେ



। ଘରୋଇ କ୍ଷେତ୍ରର ସ୍ୱଳ୍ପ ଦରମା ପାଉଥିବା କର୍ମଚାରୀ ସହ ସରକାରୀ କର୍ମଚାରୀଙ୍କ ଦରମାର ତୁଳନାତ୍ମକ ବୃଦ୍ଧି ବିଷୟରେ ଉଲ୍ଲେଖ କରି ସମସ୍ତ ସରକାରୀ ସୁବିଧାସୁଯୋଗ ପାଉଥିବା ସରକାରୀ କର୍ମଚାରୀ ଦୁର୍ନୀତି କରିବା ଅକ୍ଷମଣୀୟ ବୋଲି ସେ କହିଥିଲେ । ଏହି କ୍ଷେତ୍ରରେ ଭିଜିଲାନ୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆତ୍ମସଚେତନତା, ଜନସଚେତନତା ତଥା ଜନସହଯୋଗ ଦୁର୍ନୀତି ଦୂର କରିବ ବୋଲି ସେ କହିଥିଲେ । ମୁଖ୍ୟ ବକ୍ତା ଭାବେ ଖଲ୍ଲିକୋଟ୍ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକ ପରିଷଦ ଅଧ୍ୟକ୍ଷା ଉଷାରାଣୀ ରଥ ଆଭ୍ୟନ୍ତରୀଣ ଚେତନା ସହ ମାନସିକତାରେ ସାଧୁତା ବଜାୟ ରହିଲେ ଦୁର୍ନୀତି ମାନସିକତାର ଅଙ୍କୁରୋଦ୍ଗମ ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ସସ୍ୟା ରେଡ୍ଡି ଆବଶ୍ୟକତାକୁ ଯେତେ କମ୍ କରିବ ସେତେ ଶାନ୍ତି ମିଳିବ ବୋଲି ଉଲ୍ଲେଖ କରିଥିଲେ । ଗୋଟେ ମିଛକୁ ଲୁଚାଇବାକୁ ଯାଇ ବହୁ ମିଛର ପାପ ବୋଝ ମୁଣ୍ଡାଇବାକୁ ପଡିଥାଏ, ମାନସିକ ଶାନ୍ତି ବ୍ୟାହତ ହୋଇଥାଏ ବୋଲି ସେ ଉଲ୍ଲେଖ କରିଥିଲେ । ଉକ୍ତ ଆଲୋଚନାଚକ୍ରରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ବ୍ରହ୍ମପୁର ଦୁର୍ନୀତି ନିବାରଣ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ପ୍ରଧାନଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ବ୍ରହ୍ମପୁର ଦୁର୍ନୀତି ନିବାରଣ ଖଣ୍ଡ କାର୍ଯ୍ୟାଳୟର ଅତିରିକ୍ତ ଏସ୍.ପି. ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

Published by Ananta Ram Pradhan on Behalf of Ananta Ram Pradhan From House No.: 7, At- New Khojoriya, Po- Phulta, Ps- Gobsaninuagaon, Ganjam- 760002 (Odisha), & Printed by Laveti Anuradha, Printed at Amruta Print Process, Plot No.: 2/10, Industrial Estate, Ankuli, Berhampur, Ganjam-760008 (Odisha), Editor Contact No.: **9338448075**

Editor : **Ananta Ram Pradhan**

ସଂପାଦକ : ଅନନ୍ତ ରାମ ପ୍ରଧାନ